## ସଂକ୍ଷେପରେ

### ଠିକା ଶ୍ରମିକଙ୍କ ବର୍ଦ୍ଧିତ ମଜୁରୀ ଚୁକ୍ତି ସ୍ୱାକ୍ଷରିତ

ପାରାଦୀପ,୨୧।୧୨(ସ୍ୱ.ପ୍ର.): ପାରାଦୀପ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀଙ୍କ (ଏଲଇଓ) କାର୍ଯ୍ୟାଳୟରେ ଏକ ଠିକା କମ୍ପାନୀର କାର୍ଯ୍ୟରତ ୧୬୨ ଶ୍ରମିକଙ୍କ ବର୍ଦ୍ଧିତ ମଜୁରୀ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଉକ୍ତ ଶ୍ରମିକମାନେ ବର୍ଷକୁ ବର୍ଦ୍ଧିତ ଦରମା ୧୫ ଲକ୍ଷ ୬୧ ହଜାର ୫୬୦ ଟଙ୍କା ପାଇବେ। ପାରାଦୀପ ତୈଳ ବିଶୋଧନାଗାରରେ ମେଣ୍ଟେନାନ୍ସ କାମ କରୁଥିବା ଇଣ୍ଡିଆନ ଅଏଲ୍ ଟାଙ୍କିଙ୍ଗ୍ ଲିମିଟେଡ୍ କମ୍ପାନୀରେ ଏହି ଶ୍ରମିକ କାମ କରନ୍ତି। ବର୍ଦ୍ଧିତ ମଜୁରୀ ଦାବି ନେଇ ସେମାନଙ୍କ ସଂଘ ତଥା ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ୟୁନିୟନ ପକ୍ଷରୁ ଏଲଇଓଙ୍କ ପାଖରେ ଅଭିଯୋଗ ହୋଇଥିଲା। ଏହି କ୍ରମରେ ଏଲଇଓ ଶିଶିର କୁମାର ସେଠୀ, କମ୍ପାନୀ ପ୍ରତିନିଧି ଓ ୟୁନିୟନ ସମ୍ପାଦକ ସମୀର ବିଶ୍ୱାଳଙ୍କ ଉପସ୍ଥିତିରେ ଏହି ବର୍ଦ୍ଧିତ ମଜୁରୀ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଶ୍ରମିକଙ୍କ ସ୍ୱାର୍ଥ ସମୂହ ଦାବି ୧୪ ମଧ୍ୟରୁ ପ୍ରମୁଖ ମଜୁରୀ ବୃଦ୍ଧି ପାଇଥିବାରୁ ସଂଘ ପକ୍ଷରୁ ଏଲଇଓ ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଶ୍ରୀଅରବିନ୍ଦ ସାଧନା ମନ୍ଦିରରେ କ୍ରୀଡ଼ା ଉତ୍ସବ

ରଘୁନାଥପୁର ,୨୧। ୧୨ (ଡି.ଏନ.ଏ.): ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଗନାଇଲୋସ୍ଥିତ ଶ୍ରୀଅରବିନ୍ଦ ସାଧନା ମନ୍ଦିର ପକ୍ଷରୁ ଆୟୋଜିତ ୪୨ତମ ଶାରୀରିକ କ୍ରୀଡା ପ୍ରଦର୍ଶନ ଉତ୍ସବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡା ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ପରିଚାଳନା କମିଟି ସଭ୍ୟ ମହେନ୍ଦ୍ର ନାଥ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ଡେପୁଟି ଡାଇରେକ୍ଟର ଭାଗୀରଥି କାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧନା ମନ୍ଦିର ଅଧକ୍ଷା ନିରୁପମା ଚଇନି, ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କ୍ରୀଡା ଶିକ୍ଷକ ବାମନ କୁମାର ବିଶ୍ୱାଳଙ୍କ ପରିଚାଳନାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ବର୍ତ୍ତିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ନାଉଗାଁ,୨୧।୧୨(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟଠାରେ ଟ୍ରାକ୍ଟର ଦୁର୍ଘଟଣାରୁ ଶନିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି ନାଉଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମର ମଲ୍ଲିକ। ସେ କୋରୁଅ ପଞ୍ଚାୟତରେ ଆବାସ ଯୋଜନାର ତଦନ୍ତକାରୀ ଅଧିକାରୀଭାବେ ଦାୟିତ୍ୱରେ ରହିଛନ୍ତି। ସକାଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ସମୟରେ ଗଙ୍ଗଦାହାଟ ପୋଲଆଡୁ ଏକ ଲୁହାରଡ ବୋଝେଇ ଟ୍ରାକ୍ଟର କୋରୁଅ ଅଭିମୁଖେ ଯାଉଥିଲା। ପୋଲ ନିକଟରେ ବୁଲାଣି ରହିଥିବାରୁ ଉକ୍ତ ଟ୍ରାକ୍ଟର ବୁଲୁଥିବା ସମୟରେ ଡାଲାରେ ଥିବା ଲୁହାରଡ ହଲି ଯାଇଥିଲା। ଏହାଦ୍ୱାରା ବାଇକ ଆରୋହୀ ମଲ୍ଲିକଙ୍କ ମୁଣ୍ଡରେ ଥିବା ହେଲମେଟରେ ମାଡ ହୋଇଥିଲା। ଫଳରେ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରିବହନ ନିୟମକୁ ଉଲ୍ଲଂଘନ କରି ଦୈନିକ ଶହଶହ ଟ୍ରାକ୍ଟର ବେଆଇନ ଭାବେ ବାଲିଠାରୁ ଆରମ୍ଭ କରି ବାଉଁଶ ଓ କାଠଗର ବିପଦପୂର୍ଣ୍ଣ ଭାବେ ପରିବହନ କରୁଛନ୍ତି।

## ବାଇକ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଏରସମା,୨୧।୧୨(ସ୍ୱ.ପ୍ର.)


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

କୁଜଙ୍ଗ ଥାନା ଅନ୍ତର୍ଗତ ଗରାଦେଇପୁର ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ରବୀନ୍ଦ୍ର ଖୁଣ୍ଟିଆ(୩୦)। ଏଥିସହ ବାଇକ୍ ପଛରେ ବସିଥିବା ଭବାନୀ ଶଙ୍କର ସାହୁ(୨୫) ଗୁରୁତର ହୋଇଛନ୍ତି। ରବୀନ୍ଦ୍ରଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା। ଅପରାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଚଟୁଆ-କୁଜଙ୍ଗ ରାସ୍ତାରୋକୋ କରିଥିଲେ। କୁଜଙ୍ଗ ତହସିଲଦାର ଓ ଥାନା ଅଧିକାରୀ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ପ୍ରଦାନ ପାଇଁ ଘୋଷଣା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ରବୀନ୍ଦ୍ର ଓ ଭବାନୀ ଏକ ବାଇକ୍ ଯୋଗେ ବାଲିତୁଠରୁ କୁଜଙ୍ଗ ରାସ୍ତାଦେଇ ଯାଉଥିବାବେଳେ ଗରଦେଇପୁର ଛକ ନିକଟରେ ଭରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ରବୀନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

## ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ଗାଡ଼ି ଧକ୍କାରେ ୬ଜଣଙ୍କୁ କଲେ ଆହତ

ବାଲିକୁଦା,୨୧।୧୨(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ ବୋରିକିନା ଅଞ୍ଚଳରେ ଶନିବାର ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଉକ୍ତ ଯୁବକ କାହାକୁ ଟଙ୍କା ମାଗି ଧମକ ଦେଇଛନ୍ତି ତ ଆଉ କାହାକୁ ବନ୍ଧୁକ ମୁନରେ ଉଡାଇ ଦେବାକୁ କହିଛନ୍ତି। ପୁଣି କାହାକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ସିରିଏଲ ଭାବେ ଦୁର୍ଘଟଣା ଘଟାଇ ୬ ଜଣଙ୍କୁ ଆହତ କରି ଫେରାର ହୋଇ ଯାଉଥିବା ବେଳେ ବୋରିକିନା ବଜାରଠାରେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡି ଛେଚା ଖାଇଛନ୍ତି। ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ସେ ହେଲେ ଥାନା ଅଧୀନ ବୋରିକିନା ପଞ୍ଚାୟତ ରାମଡୋଳ ଗାଁର ମଙ୍ଗୁଳି ମଲ୍ଲିକଙ୍କ ପୁଅ ଉପେନ୍ଦ୍ର(୨୪)।


ଦୁର୍ଘଟଣା ଘଟାଇଥିବା ଯୁବକ।

କଟକର କୌଣସି ବ୍ୟକ୍ତିଙ୍କ ଗାଡି ଚଳାନ୍ତି। ଘର ରାମଡୋଳ ହୋଇଥିଲେ ମଧ ଡୋଭାଳ ଗାଁରେ ଘର ଭଡା ନେଇ ରହୁଥିଲେ। ସେ ଚଳାଉଥିବା ଏକ କାର ଆଣି ବଡ଼କୁଳ ଗାଁରେ ପଶି ତ୍ରିଲୋଚନ ପରିଡ଼ା ଓ ସଂଗ୍ରାମ ଦାସଙ୍କୁ ଫାଇରିଂ କରି ଉଡ଼ାଇ ଦେବାକୁ କହିଥିଲେ। ତେବେ ସେମାନେ ପ୍ରତିବାଦ କରିବାରୁ ଗାଡ଼ି ଧକ୍କା କରି ପଳାଇଥିଲେ। ଫଳରେ ଉଭୟ ଅହତ ହୋଇଥିଲେ। ସେଠାରୁ ବାରିଲୋ ଗାଁଦେଇ ବୋରିକିନା ବଜାରକୁ ଆସିବା ସମୟରେ ସର୍ବେଶ୍ୱର ଦାସ ନାମକ ଜଣେ ସରକାରୀ କର୍ମଚାରୀ ବାଇକ ଯୋଗେ ଆସୁଥିବା ସମୟରେ ଉପେନ୍ଦ୍ର ଗାଡି ମଡ଼ାଇ ତାଙ୍କୁ ମାରି ଦେବା ପାଇଁ ଯୋଜନା କରିଥିଲେ। ମାତ୍ର ଏଥିରୁ ବର୍ତ୍ତି ସର୍ବେଶ୍ୱର ଯାଇଥିଲେ ମଧ ସାମାନ୍ୟ ଆହତ ହୋଇଥିଲେ। ଏହାପରେ ରାମଡୋଳ ଗାଁର ପରିକ୍ଷିତ ମଲିକଙ୍କୁ ରାସ୍ତା ମଝିରେ ଅଟକାଇ ୫ ହଜାର ଟଙ୍କା ମାଗିବା ସହିତ ଅଶାଳୀନ ବ୍ୟବହାର କରିଥିଲେ। ରାସ୍ତା ମଝିରେ ପାଟି ଶୁଣି ପୁନ ମଲିକ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ମାରି ଦେବାକୁ ଧମକ ଦେଇଥିଲେ। ମଝିକୁରା ଗାଁର ଜିତେନ୍ଦ୍ର ବରାଳ(୫୨)ବୋରିକିନା ବଜାରକୁ ଆସିଥିବା ବେଳେ ଉପେନ୍ଦ୍ର ତାଙ୍କୁ କାର ଧକ୍କା କରିଥିଲେ। ଏହା ପରେ ଏରସମା ଥାନା ଗୋଡା ପଞ୍ଚାୟତ ବ୍ରହ୍ମଚାରୀ ଗାଁର ସୁଶାନ୍ତ ସ୍ୱାଇଁ ଗୋଡାରୁ ବୋରିକିନା ଆସି ଫେରୁଥିବା ସମୟରେ ତାଙ୍କୁ ମଧ ଦୁର୍ଘଟଣା ଘଟାଇ ଆହତ କରିଥିଲେ। ବାରିଲୋ ଗାଁର ଚିତ୍ତରଞ୍ଜନ ମହାନ୍ତି(୪୦)ଙ୍କୁ ମଧ କାର୍ ଧକ୍କା କରି ଗୁରୁତର କରିଥିଲେ। ଏଭଳି ଘଟଣା ଘଟାଇ କଟକ ଆଡ଼େ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଫେରାର ହୋଇ ଯାଉଥିବା ବେଳେ ଲୋକଙ୍କ ହାବୁଡରେ ପଡ଼ିଥିଲେ।

# ସ୍ୱଚ୍ଛତା ପକ୍ଷ ପାଳନ


ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

ଏରସମା,୨୧।୧୨(ସ୍ୱ.ପ୍ର.)

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଓରନାଳ ଗ୍ରାମର ମକରଧ୍ୱଜ ପବ୍ଲିକ ସ୍କୁଲ ପରିସରରେ ଶନିବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡା.ରାନୁରାନୀ ସେଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ଲାଷ୍ଟିକ ମୁକ୍ତ ସାମାଜିକ ଜୀବନ ଏବେ ଅପରିହାର୍ଯ୍ୟ ହୋଇପଡିଛି। ଶିଶୁଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକେ ଏଦିଗରେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ। ସ୍କୁଲ ଚେୟାରମ୍ୟାନ ରବୀନ୍ଦ୍ରନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟର ସାଇଣ୍ଟିଷ୍ଟ ତଥା ନୋଡାଲ ଅଫିସର ଏନ୍ ମାଣିକଣ୍ଠନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ତାଲିମ କେନ୍ଦ୍ରର ଅଧକ୍ଷ ନରେନ୍ଦ୍ର କୁମାର ନାୟକ, ସ୍କୁଲ ଉପଦେଷ୍ଟା ବୈଷ୍ଣବ ଚରଣ ସ୍ୱାଇଁ, ବରିଷ୍ଠ ଶିକ୍ଷକ ହରେକୃଷ୍ଣ ଦଳାଇ, ଇଂ.ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଶୀର୍ଷକ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ରତ୍ନପର୍ଣ୍ଣା ସାମନ୍ତରାୟ, ଶଙ୍କର ମଣ୍ଡଳ, ବିବେକ ପଟ୍ଟନାୟକ, ହୃଷୀକେଶ ସ୍ୱାଇଁ ଓ ଶିଳ୍ପା ସ୍ୱାଇଁ ପ୍ରମୁଖ ୨୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲ ଅଧକ୍ଷ ଧନ୍ୟବାଦ ଦେଇଥିଲେ।

## ଅସହାୟ ମହିଳାଙ୍କୁ ମିଳିଲା ନ୍ୟାୟ

# ଘର ସମ୍ମୁଖରୁ ହଟିଲା ଜବରଦଖଲ

ବିରିଡ଼ି,୨୧।୧୨(ଡି.ଏନ.ଏ.)

ବିରିଡ଼ି ତହସିଲ ଅଧୀନ ବରାହପୁର ଗ୍ରାମର ଏକ କେନାଲ ପାର୍ଶ୍ୱରେ ଥିବା ଜଳସେଚନ ବିଭାଗ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିଲେ। ଫଳରେ ଏହି ଜମି ପଛ ଭାଗରେ ଘର କରିଥିବା ଅସହାୟ ମହିଳା ଦିଲୱାରୀ ବେଗମ ନାନା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ଶନିବାର ଏହି ଜମିରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ପୋଲିସ ଟିମ ବାଡକୁ ଉଚ୍ଛେଦ କରିଥିଲେ। ଏହି ଜମିକୁ ସରକାରଙ୍କ ବ୍ୟତୀତ ଅନ୍ୟ କେହି ଦଖଲ କରିପାରିବେ ନାହିଁ ବୋଲି ବରାହପୁର ଗ୍ରାମର ସମସ୍ତଙ୍କୁ ଜଣାଇ ଦିଆଯାଇଛି। ୧ ବର୍ଷ ହେବ ଏହି ମହିଳା ଜଣଙ୍କ ଜବରଦଖଲକାରୀଙ୍କ ଦ୍ୱାରା ହଇରାଣ ହରକତ ହେଉଥିଲେ। ଏ ସମ୍ପର୍କରେ ସେ ରାଜ୍ୟର ବିଭିନ୍ନ ନେତୃମଣ୍ଡଳୀଙ୍କ ସହ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଲିଖିତ ଗୁହାରୀ କରିଥିଲେ। ଜବରଦଖଲ ଉଚ୍ଛେଦ ପରେ ତାଙ୍କୁ ନ୍ୟାୟ ମିଳିଛି ବୋଲି ସେ କହିଛନ୍ତି।

# ଜାନୁୟାରୀ ୩ରେ ହାଫ୍ ମାରାଥନ, ବନ୍ଦର ପ୍ରତିଷ୍ଠା ଦିବସ

ପାରାଦୀପ,୨୧।୧୨(ସ୍ୱ.ପ୍ର.)

ଆସନ୍ତା ଜାନୁୟାରୀ ୩ରେ ପାରାଦୀପ ବନ୍ଦର ତାର ୫୮ତମ ପ୍ରତିଷ୍ଠା ଦିବସ ପାଳନ କରିବ। ସେହିଦିନ ପୂର୍ବବର୍ଷ ପରି ଏକ ହାଫ୍ ମାରାଥନ୍ କରାଯିବ ବୋଲି ଶନିବାର ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉକ୍ତ ମାରାଥନ୍‌ରେ ଚଳିତବର୍ଷ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ, ଲେଡିଜ୍ କ୍ଲବ୍ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ଉପସ୍ଥିତ ରହିବେ। ଏଥିପାଇଁ ସବିଶେଷ ସୂଚନା ଅଂଶଗ୍ରହଣକାରୀଙ୍କ ପାଇଁ ରହିଛି। ଏଥିରେ ଭାଗ ନେବାକୁ ଇଚ୍ଛୁକ ମହିଳାପୁରୁଷଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ରହିଛି। ସେଥିପାଇଁ ପୁରୁଷ ବର୍ଗ ଦୌଡ଼ାଳିଙ୍କ ପାଇଁ ୫୦ ଟଙ୍କା ଓ ମହିଳା ଧାବିକାଙ୍କ ପାଇଁ ୩୦ ଟଙ୍କା ସହ ଆବଶ୍ୟକ କାଗଜପତ୍ର ଜାନୁୟାରୀ ୨ ପୂର୍ବରୁ ବନ୍ଦର ଚିକିତ୍ସାଳୟରେ ଜମା କରିବାକୁ ହେବ। ଉକ୍ତ ଅର୍ଥ କେବଳ ଅଂଶଗ୍ରହଣକାରୀଙ୍କ ପୋଷାକ ପାଇଁ ଉଦ୍ଦିଷ୍ଟ। ଅଂଶଗ୍ରହଣକାରୀଙ୍କ ରହିବା, ଖାଇବା ଖର୍ଚ୍ଚ ଓ ବସ୍ ବ୍ୟବସ୍ଥା ବନ୍ଦର କର୍ତ୍ତୃପକ୍ଷ କରିଛନ୍ତି। ଏହି ମାରାଥନ୍ ୫ନଂ ଗେଟ୍ ହନୁମାନ ମନ୍ଦିର ପାଖରୁ ବାହାରି ୧୪ କି.ମି. ସହରାଞ୍ଚଳ ଦେଇ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଶେଷ ହେବ। ଏଥିରେ ପ୍ରଥମରୁ ଷଷ୍ଠ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୪ ହଜାର, ୧୦,୫୦୦, ୭୦୦୦, ୩୦୦୦, ୧୫୦୦ ଓ ୧୦୦୦ ଟଙ୍କା ଲେଖା ମିଳିବ। ପାରାଦୀପ ପୌରାଞ୍ଚଳ ପାଇଁ ପଞ୍ଜିକୃତ ଦିବସ ଜାନୁୟାରୀ ୧ ଓ ଅନ୍ୟମାନଙ୍କ ପାଇଁ ୨ ତାରିଖ ରହିଛି।

# ୮୦ ବୃଦ୍ଧାବୃଦ୍ଧଙ୍କୁ ଶ୍ରୀକ୍ଷେତ୍ର ବୁଲାଇଲେ ସାମାଜିକ କର୍ମୀ

ତିର୍ତ୍ତୋଲ,୨୧।୧୨(ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ଗ୍ରାମର ବିଜୟ କୁମାର ବିଶ୍ୱାଳ ୮୦ଜଣ ବୃଦ୍ଧାବୃଦ୍ଧଙ୍କୁ ଶୁକ୍ରବାର ପୁରୀ ଶ୍ରୀକ୍ଷେତ୍ର ଦର୍ଶନ କରାଇ ଫେରିଛନ୍ତି। ତାଙ୍କର ଏହି ସେବା ମନୋବୃତ୍ତିକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି ତୀର୍ଥ ଦର୍ଶନ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅଶୋକ ମହାପାତ୍ର, ମୀନକେତନ ଦାସ, କ୍ଷୀରୋଦ ପରିଜା, ରମେଶ ଚନ୍ଦ୍ର ସାହୁ, ଜ୍ଞାନେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ବାପା ଆଣିଲେ ହତ୍ୟା ଅଭିଯୋଗ

ରଘୁନାଥପୁର ,୨୧। ୧୨ (ଡି.ଏନ.ଏ.)


ମୃତ ବାପୁଜୀଙ୍କ ଫାଇଲ ଫଟୋ।

ରଘୁନାଥପୁର ଥାନା ରାଢଙ୍ଗ ପଞ୍ଚାୟତ ଜିରା ଗାଁରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାକୁ ସନ୍ଦେହ ଘେରରେ ରହିଛି। ମୃତକ ହେଲେ ବାପୁଜୀ ପଟ୍ଟନାୟକ(୨୯)। ବାପା ବିବେକାନନ୍ଦ ତାଙ୍କ ପୁଅକୁ ଚକ୍ରାନ୍ତ କରି ଜୀବନରୁ ମାରି ଦିଆଯାଇଥିବା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ବିବେକାନନ୍ଦ ଥାନାରେ କରିଥିବା ଅଭିଯୋଗ ମୁତାବକ ତାଙ୍କ ପୁଅ ବାପୁଜୀ ସନ୍ଧ୍ୟାରେ ଘରେ ବାହାରକୁ ଯାଉଛି କହି ରାତିରେ ଖାଇବା ସମୟରେ ଆଉ ଫେରି ନ ଥିଲେ। ତାଙ୍କ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟରେ ସେ ଉଠାଇ ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସମୟରେ ପଡିଶା ଘର ଲକ୍ଷ୍ମୀକାନ୍ତ ଲେଙ୍କା, ତାଙ୍କ ସ୍ତ୍ରୀ ଅନସୂୟା ଏବଂ ଭାଇ ଲଗ୍ନକାନ୍ତ ଦୌଡି ଆସି ବିବେକାନନ୍ଦଙ୍କ ଘରେ ପହଞ୍ଚିଥିଲେ। ତୁମ ପୁଅ ବାପୁଜୀ ଆମ ଝରକା ତାଜା ହୁକରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଏବଂ ହାତରେ ମୋବାଇଲ ଧରିଥିବା କହିଥିଲେ। ତେବେ ବିବେକାନନ୍ଦଙ୍କ ପରିବାର ପଡିଶା ଘରୁ ବାପୁଜୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ବିବେକାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ଆଇଆଇସି ବବିତା ଦଳେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବାପୁଜୀ ବ୍ୟବହାର କରୁଥିବା ମୋବାଇଲକୁ ସିଜ୍ କରିଥିଲେ। ଅଧିକ ପଚରାଉଚରା ପାଇଁ ପଡିଶା ଘର ଲକ୍ଷ୍ମୀକାନ୍ତ, ଅନୁସୂୟା ଓ ଲଗ୍ନଜିତଙ୍କୁ ଥାନାରେ ଅଟକ ରଖାଯାଇଥିବା କହିଛନ୍ତି। ଥାନାରେ ନଂ. ୧୧୯/୧୯ରେ ହତ୍ୟା ମମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ପଡିଶା ଘର ତାଜାଠାରୁ ଚଟାଣ ପର୍ଯ୍ୟନ୍ତ ଉଚ୍ଚତା ଯେତିକି ସେଥିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିବା ଘଟଣାକୁ ପରିବାର ଲୋକେ ମାନିବାକୁ ପ୍ରସ୍ତୁତ ନୁହନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟତା ପଦାକୁ ଆସିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଆଇଆଇସି ଦଳାଇ କହିଛନ୍ତି।

## ପରିବେଶ ସୁରକ୍ଷାରେ ଅମରେଶ

# ସାଇକେଲରେ ବୁଲି ଦେବେ ସୁରକ୍ଷା ବାର୍ତ୍ତା


ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ଅମରେଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାରାଦୀପ,୨୧।୧୨(ସ୍ୱ.ପ୍ର.)

ଓଡ଼ିଶା ଉପକୂଳରେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବା ପାରାଦୀପ ବନ୍ଦର ଯନ୍ତ୍ରୀ ଇଂ. ଅମରେଶ ନରେଶ ସାମନ୍ତ ଶନିବାରରୁ ଭିନ୍ନ ଏକ ସଚେତନତା ଯାତ୍ରା ଆରମ୍ଭ କରିଛନ୍ତି। ଅର୍ଥାତ୍ ସେ ପାରାଦୀପରୁ ଗୋପାଳପୁର ପର୍ଯ୍ୟନ୍ତ ସାଇକେଲ ଭ୍ରମଣରେ ଯାଇଛନ୍ତି। ଏଥିରେ ସେ ଚାରାରୋପଣ ଓ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ କରିବେ। ପାରାଦୀପରୁ କେନ୍ଦ୍ରାପଡ଼ା ଜିଲାର ରାଜନଗର ପରେ ଚଣ୍ଡିଖୋଲ, ଯାଜପୁର, କଟକ, ଭୁବନେଶ୍ୱର, ଢେଙ୍କାନାଳ ଓ ନୟାଗଡ ଜିଲାର ବିଭିନ୍ନ ସ୍କୁଲ କଲେଜ, ସ୍ୱେଚ୍ଛାସେବୀ ସଂଗଠନ ସହ ମିଶି ସଚେତନ କରିବେ। ଶେଷରେ ବ୍ରହ୍ମପୁର ଓ ଗୋପାଳପୁରଠାରେ ସାଇକେଲ ଭ୍ରମଣ ସମାପନ ହେବ ବୋଲି କହିଛନ୍ତି। ସକାଳେ ପାରାଦୀପ ବେଳାଭୂମି ରାସ୍ତାରେ ଯାତ୍ରା ଆରମ୍ଭ ପୂର୍ବରୁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ପୌରାଧକ୍ଷ ବସନ୍ତ ବିଶ୍ୱାଳ। ଏଥିସହିତ ବନ୍ଦର ମୁଖ୍ୟଯନ୍ତ୍ରୀ ସରୋଜ ଦାଶ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା, ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହ୍ଲାଦ ପଣ୍ଡାଙ୍କ ସମେତ ରୋଟାରୀ କ୍ଲବ୍, ଆଦର୍ଶ ପ୍ରୟାସ, ଆହ୍ୱାନ କମ୍ବାଇନ୍ସ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର କର୍ମକର୍ତ୍ତାମାନେ ମଧ ଶୁଭେଚ୍ଛା ଜଣାଇଥିଲେ।

ଅମରେଶ ଏବେ ସୁଦ୍ଧା ୨୨ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଛନ୍ତି। ସ୍ୱଚ୍ଛ ଭାରତ ମିଶନରେ ସକ୍ରିୟ ଅଂଶଗ୍ରହଣ, ପ୍ରତିବର୍ଷ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ବୃତ୍ତି, ଗରିବ ଝିଅଙ୍କୁ ବିବାହରେ ସହଯୋଗ କରିବା, ରାସ୍ତା ମରାମତି, ଗ୍ରାମ୍ୟ ପୋଖରୀ ସଫେଇ କରିବା ଆଦି କାମ କରୁଛନ୍ତି। ଏଥିପାଇଁ ତାଙ୍କୁ ଓ ତାଙ୍କ ସୃଷ୍ଟ ସଂଗଠନକୁ ରାଜ୍ୟର ଶ୍ରେଷ୍ଠ କ୍ଲବ୍ ସହ ୫୦ରୁ ଉର୍ଦ୍ଧ୍ୱ ଆୱାର୍ଡ ମିଳିଛି। ପ୍ରଥମଥର ପାଇଁ ଏପରି ସାଇକେଲ ଭ୍ରମଣ ସଚେତନତା ଆରମ୍ଭ କରିଛନ୍ତି।

**ନିୟନ୍ତ୍ରିତ ବଜାର କମିଟି, ଯାଜପୁର (ଧାନକ୍ର ୟବିଜ୍ଞାପନ)** ବିଜ୍ଞାପନ ସଂଖ୍ୟା.224, ତାରିଖ-19.12.19

ଯାଜପୁର ଜିଲ୍ଲା ଖରିଫ ଫସଲ ବର୍ଷ ୨୦୧୯-୨୦ଧାନ କ୍ରୟ କେନ୍ଦ୍ର (ପ୍ରାଥମିକ କୃଷି ସମବାୟ ସମିତି) ଏବଂ ତତ୍ ସହିତ ଅନ୍ତର୍ଭୁକ୍ତ ଗ୍ରାମପଞ୍ଚାୟତ ୱାରି କ୍ରୟ ଦିବସ ନିମ୍ନରେ ପ୍ରଦତ୍ତ କରାଗଲା। ଓଡ଼ିଶା ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ଆନୁକୁଲ୍ୟରେ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯାଜପୁର ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଗତ ତା୨୯।୧୧।୨୦୧୯ରିଖରୁ ୧୨୨ଗୋଟି ସମବାୟ ସମିତି ଲିଃ ଓ WSHGs ମାଧ୍ୟମରେ ଚଳିତ ଖରିଫ ୨୦୧୯-୨୦ ବର୍ଷରେ ଏଫ.ଏକ୍ୟୁ (FAQ)ମାନର ଧାନ ସଂଗ୍ରହ କରିବା ପାଇଁ ସୁବନ୍ଦୋବସ୍ତ କରାଯାଇଅଛି। ଚାଷୀମାନେ ସେମାନଙ୍କର (FAQ)ମାନର ବଳକା ଧାନ ସହ ନିଜର ଭୋଟର ପରିଚୟ ପତ୍ର, କିଶାନ କ୍ରେଡିଟ କାର୍ଡ, ଜମି ପାସ ବୁକ, ଜମିର ପଟ୍ଟା, ବ୍ୟାଙ୍କ ବା ପୋଷ୍ଟାଲ ଆକାଉଣ୍ଟ ନମ୍ବର ନେଇକରି ଆସିବେ ଓ ସରକାରଙ୍କ ଦ୍ୱାରା ଧାନର ଧାର୍ଯ୍ୟମୂଲ୍ୟ ଅନଲାଇନ ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଜମାଖାତାରେ ଜମାହେବ। ଅନଲାଇନ ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଧାନ ସଂଗ୍ରହ କରାଯିବ। ସୁବିଧାରେ ଧାନ ବିକ୍ରିପାଇଁ ସମିତିର ସମ୍ପାଦକଙ୍କ ଦ୍ୱାରା ଟୋକନ ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ଦିନରେ ସକାଳ ୯.୦୦ଘଟିକା ଠାରୁ ଦିନ ଘ.୫.୦୦ଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଧାନକିଣା ସମ୍ବନ୍ଧିୟ ବିବରଣୀ www.foododisha.in ରେ ଉପଲବ୍ଧ ଅଛି। ରବିବାର, ଗୁରୁବାର, ଓ ଛୁଟିଦିନମାନଙ୍କରେ ଧାନ ସଂଗ୍ରହ ବନ୍ଦ ରହିବ ଓ ଅନ୍ୟ ସବୁଦିନ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଟୋକନ ମାଧ୍ୟମରେ ଚାଷୀଙ୍କଠାରୁ (P-PAS) ଜରିଆରେ ଧାନକ୍ରୟ କରାଯିବ। ଚାଷୀଙ୍କୁ ଧାନ କ୍ରୟର ୧୫ଦିନ ପୂର୍ବରୁ ଟୋକନ ପ୍ରଦାନ କରାଯିବା ସହ ID Scanner ମାଧ୍ୟମରେ ପଞ୍ଜୀକୃତ ଚାଷୀ ଚିହ୍ନଟ କରାଯିବ। ପୁନଶ୍ଚ ଯେଉଁ ଅଞ୍ଚଳରେ WSHG ପଞ୍ଜୀକୃତ ହୋଇଥିବା ତା ଅଧିନସ୍ଥ ଚାଷୀ ସେହି WSHGରେ ଧାନ ଦେଇପାରିବେ। ଚାଷୀମାନଙ୍କୁ ଆଗୁଆ ଏସ୍.ଏମ୍.ଏସ୍.(sms) ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯିବ। ଚାଷୀ ନିଜର ପଞ୍ଜୀକରଣ/ବିକ୍ରୟ ସଙ୍କ୍ରାନ୍ତିୟ ତଥ୍ୟ ଜାଣିବାକୁ ଚାହୁଁଥିଲେ, ନିଜର ପଞ୍ଜୀକୃତ ମୋବାଇଲରୁ OD>SPACE<FR>SPACE<PP କୁ 9223166166 ରେSMS କରନ୍ତୁ। ପଞ୍ଜୀକୃତ ଚାଷୀଙ୍କ ଅନୁପସ୍ଥିତରେ ପରିବାରର ମନୋନୀତ ସଦସ୍ୟ ସରକାରଙ୍କ ନିର୍ଦ୍ଧାରୀତ ଫର୍ମ(form) ଦାଖଲ କରି ଧାନ ବିକ୍ରୟ କରିପାରିବେ। କେବଳ ଝୋଟ ବସ୍ତାରେ ଧାନ ମଣ୍ଡିକୁ ଧାନ ଆଣିବେ। ପ୍ରତ୍ୟେକ ଚାଷୀ ଦିନକୁ ସର୍ବାଧିକ ୫୦.୦୦ କୁଇଣ୍ଟାଲ ଧାନ ବିକ୍ରୟ ଓ ସମିତି ଦିନକୁ ସର୍ବାଧିକ ୨୦୦୦.୦୦ କୁଇଣ୍ଟାଲ କ୍ରୟ କରିପାରିବେ। ଧାନର ଗୁଣାତ୍ମକ ମାନ (FAQ): ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ମୁକ୍ତ ହୋଇଥିବ।

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ. ମାନର ଧାନ ପାଇଁ |
|---|---|---|
| ୧ | ବାଲି, ମାଟି, ଗୋଡି, ପଥର ବା ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨ | କାଠି, ମାଟି, ଧୂଷ, ଅଗାଡି, ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ବା ପୋକା ଇତ୍ୟାଦି | ୫.୦% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫ | ସରୁ ଧାନରେ ମିଶ୍ରିତ ମୋଟାଧାନ (କେବଳ 'ଏ' ଗ୍ରେଡ୍ ଧାନ ନିମନ୍ତେ) | ୬.୦% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

| ଧାନର ମାନ | କୁଇଣ୍ଟାଲ ପ୍ରତି ଧାନର ନିର୍ଦ୍ଧାରିତ ସରକାରୀ ଦର |
|---|---|
| ଗ୍ରେଡ୍ ଏ କିସମ (ଏଫ.ଏ.କ୍ୟୁ) | ଟ.୧୮୩୫.୦୦ |
| ସାଧାରଣ କିସମ (ଏଫ.ଏ.କ୍ୟୁ) | ଟ.୧୮୧୫.୦୦ |

ଅଭିଯୋଗ ଥିଲେ ନିମ୍ନଲିଖିତ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ : ଉପଜିଲ୍ଲାପାଳ ଯାଜପୁର: **୯୪୩୭୨୫୬୧୦୭,** ଉପନିବନ୍ଧକ ସମବାୟ ସମିତି ସମୂହ: **୯୪୩୭୨୭୦୬୨୩** ଜିଲ୍ଲା ଯୋଗାଣ ଅଧିକାରୀ: **୭୯୭୮୧୬୨୩୧୭** ସହକାରୀ ଯୋଗାଣ ଅଧିକାରୀ: **୯୪୩୮୮୭୮୪୯୫** ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଯାଜପୁର: **୯୫୮୩୭୯୫୧୮୫** ସହକାରୀ ନିବନ୍ଧକ: **୮୨୪୯୯୨୯୫୩୦** ଓ ନିଃଶୁଳ୍କ ହେଲପ୍ଲାଇନ୍ ନଂ.**୧୯୬୬** **ସ୍ୱା./-ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./-ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./- ଜିଲ୍ଲାପାଳ, ଯାଜପୁର, ସୌଜନ୍ୟ:ନିୟନ୍ତ୍ରିତ ବଜାର କମିଟି, ଯାଜପୁର**

# ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ

ତିର୍ତ୍ତୋଲ,୨୧।୧୨(ଡି.ଏନ୍.ଏ.)


ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କରାଯାଉଛି।

ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତରେ ନୂତନ ଭାବେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ମନୋନୀତ ହୋଇଥିବା ୭୫ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏନେଇ ୫ଜଣ ଅଧିକାରୀ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ୫୬ ଜଣ ହିତାଧିକାରୀଙ୍କ ଆଧାରକାର୍ଡ, ଭୋଟର ପରିଚୟପତ୍ର, ବୟସ ପ୍ରମାଣପତ୍ର ଆଦି ଯାଞ୍ଚ କରିଥିଲେ। କିଛି ଜଣ ହିତାଧିକାରୀ ସ୍ୱାସ୍ଥ୍ୟଗତ କାରଣରୁ ଏଠାକୁ ଆସି ନ ପାରିବାରୁ ଅଧିକାରୀମାନେ ସେମାନଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ଏହି ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ନାମରେ ବୟସ ଜାଲିଆତି ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଭତ୍ତା ତାଲିକାରେ ସେମାନଙ୍କ ନାମ ନ ଆସିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ଏହି ଭତ୍ତା ହଡ଼ପ କରିନେଇଛନ୍ତି ବୋଲି ଉପରୋକ୍ତ ହିତାଧିକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଏହାର ତଦନ୍ତ ନିମନ୍ତେ ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାଞ୍ଚରେ ବିଇଓ ବିଜୟ କୁମାର ପାତ୍ର, ପିଇଓ ବିଶ୍ୱଜିତ ମହାପାତ୍ର, ତ୍ରିଲୋଚନ ସିଂ, ଦେବେନ୍ଦ୍ର କୁମାର ମଲ୍ଲିକ, ତୋଫାନ ଦାସ ଓ ଲକ୍ଷ୍ମୀଧର ସୋରେନ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ସରପଞ୍ଚ ସସ୍ମିତା ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।



**ସଂକ୍ଷେପରେ**

ପୋଲିସ ଗାଡି ଧକ୍କାରେ ପେଟ୍ରୋଲ ଟାଙ୍କି କର୍ମଚାରୀ ମୃତ୍ୟୁ ମାମଲା

## ଦେଢ଼ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡା ଅଫିସ,୨୧।୧୨:** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନାର ଏକ ପାଟ୍ରୋଲିଂ ଗାଡି ଧକ୍କାରେ ପେଟ୍ରୋଲ ଟାଙ୍କି କର୍ମଚାରୀ ଚକ୍ରଧର ନାୟକ ମୃତ୍ୟୁ ମାମଲା (ନଂ ୧୦୬/ ୧୬)ର ରାୟ ପ୍ରକାଶ ପାଇଛି। ଗତ ୧୩ ତାରିଖରେ ଅନୁଷ୍ଠିତ ରାଷ୍ଟ୍ରୀୟ ଅଦାଲତରେ ଏହି ମାମଲାକୁ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା ଶୁଣାଣି କରି ଓଡିଶା ପୋଲିସ ଡିଜିଙ୍କୁ ଦେଢଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ମେ ୬ ତାରିଖ ରାତିରେ ଥାନାର ପାଟ୍ରୋଲିଂ ଗାଡି ନିକଟସ୍ଥ ତେଲ ଟାଙ୍କିକୁ ତେଲ ଭରିବା ପାଇଁ ଯାଇଥିଲା । ତେବେ ଅସାବଧାନତାବଶତଃ ଏହି ଗାଡି ତଳେ ଚାପି ହୋଇ ଟାଙ୍କି କର୍ମଚାରୀ ନାୟକଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ଚାପି ଦେବା ପାଇଁ ଥାନା ଗାଡି ପରିବର୍ତ୍ତେ ଏକ ଟ୍ରକ ଧକ୍କା ଦେଇ ଥିବା ଦର୍ଶାଯାଇଥିଲା। ତେବେ ଏନେଇ ଗଣମାଧ୍ୟମରେ ଖୋଲତାଡ ହେବା ସହିତ ତତ୍କାଳୀନ ମାର୍ଶାଘାଇ ଥାନା ଅଧିକାରୀ ସୁକାନ୍ତ ପାତ୍ର ଦୌରାଜଜ୍ ପଣ୍ଡାଙ୍କ କୋର୍ଟରେ ସତ ମାନି ଯାଇଥିବାରୁ ଏହି କ୍ଷତିପୂରଣ ପାଇଁ ରାୟ ପ୍ରକାଶ ପାଇଛି। ଏହି ଅଭିଯୋଗ ଚକ୍ରଧରଙ୍କ ଦୁଇ ପୁଅ ପର୍ଶୁରାମ ଓ ଜୟନ୍ତ କରିଥିବା ବେଳେ ମାମଲାକୁ ଆଇନଜୀବୀ ପ୍ରମୋଦ ଅଧିକାରୀ ପରିଚାଳନା କରିଥିଲେ।

## ବ୍ଲକ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ



**କେନ୍ଦ୍ରାପଡା ଅଫିସ, ୨୧।୧୨:** କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡା ଓ ବାରୋ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶନିବାର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି । ଗାଙ୍ଗପଡା ପଞ୍ଚାୟତର ପୋଇପାଟ, ନପଙ୍ଗ ଓ ଜରିଆବାଡ ପାଟନାଳୀ ଖନନର ଶୁଭ ଦିଆଯାଇଥିବା ବେଳେ ରାବିଆ ବସରିଆ ଇଦ୍‌ଗାହ ପୋଲର ଶିଳାନ୍ୟାସ ହୋଇଛି। ସେହିପରି ପୋଇପାଟ ଓ ଭରସିଂରେ ଅଙ୍ଗନୱାଡି କେନ୍ଦ୍ର, ସୋବଳା ଠାକୁରାଣୀ ନିକଟ ମହିଳା ଗୋଷ୍ଠୀ କେନ୍ଦ୍ର, ଗୋଗୁଆ ଯୁବକ ସଂଘ ଗୃହର ଉଦ୍‌ଘାଟନ ହୋଇଛି । ଏହି ପଞ୍ଚାୟତର ସୋବଳା ଗ୍ରାମୀଣ ପାର୍କ ଓ ପାଠାଗାରର ଶିଳାନ୍ୟାସ ହୋଇଛି । ଏଥିସହ ବାରୋ ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ, ତରାଣ୍ଡୋ ଗ୍ରାମୀଣ ପାର୍କ, ଖେଳ ପଡିଆ ଓ କଲ୍ୟାଣ ମଣ୍ଡପ ପାଇଁ ଶୁଭ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶଶିଭୂଷଣ ବେହେରା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ବିଡିଓ ସୁଧୀର ସିଂହ, ଗାଙ୍ଗପଡା ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତ, ସରପଞ୍ଚ ସୁଶୀଳା ରାଉତ, ସମିତି ସଭ୍ୟା ପଦ୍ମାବତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ମୂର୍ତ୍ତି କାରିଗରଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୨୧।୧୨ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୩ନଂ ୱାର୍ଡ ତନୁପୁର ଗ୍ରାମର ଜଣାଶୁଣା ମୂର୍ତ୍ତି କାରିଗର ବିଷ୍ଣୁଚରଣ ତରାଇ (୬୪)ଙ୍କ ଶୁକ୍ରବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି ।

# ଶୋଭାଯାତ୍ରା ଅନୁମତି ନ ମିଳିବାରୁ ରାସ୍ତାରେ ବସିଲେ





ଏନଆରସି ଓ ସିଏଏକୁ ବିରୋଧ କରି ଶୋଭାଯାତ୍ରାରେ ବାହାରିବା ବେଳେ ବିରୋଧ କରାଯାଉଛି। ନୂଆ ଇଦ୍‌ଗାହ ପଡିଆରେ ପୋଲିସ ଛାଉଣୀ।

**କେନ୍ଦ୍ରାପଡା ଅଫିସ,୨୧।୧୨**

ନ୍ୟାସନାଲ ରେଜିଷ୍ଟର ଅଫ ସିଟିଜେନ୍ସ (ଏନଆରସି) ଓ ସିଟିଜେନସିପ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ)କୁ କେନ୍ଦ୍ରାପଡା ଜିଲାରେ ଶନିବାର ବିରୋଧ କରାଯାଇଛି । ଜିଲାର ୫ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟର ଲୋକ ଏକାଠି ହୋଇ ଏହାକୁ ବିରୋଧ କରିଛନ୍ତି । ସହର ମଧ୍ୟରେ ନୀରବ ଶୋଭାଯାତ୍ରା ପାଇଁ ବିରୋଧ କରୁଥିବା ବ୍ୟକ୍ତିମାନେ ନୂଆ ଇଦ୍‌ଗାହ ପଡିଆରୁ ବାହାରିବା ମାତ୍ରେ ଶୋଭାଯାତ୍ରା ପାଇଁ ଅନୁମତି ନ ଥିବାରୁ ଜିଲା ପୋଲିସ ଅଟକାଇଥିଲା । ଫଳରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଶୋଭାଯାତ୍ରାକାରୀ ଏହାର ପ୍ରତିବାଦରେ ରାସ୍ତା ଉପରେ ବସିଥିଲେ। ଜିଲାପାଳ ସମର୍ଥ ବର୍ମା ବିକ୍ଷୋଭସ୍ଥଳକୁ ଆସି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ପ୍ରତିବାଦ ପତ୍ର ନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପୂର୍ବାହ୍ନ ୧୦ଟାରେ ନୂଆ ଇଦ୍‌ଗାହ ପଡିଆରେ ବିରୋଧ ପ୍ରଦର୍ଶନକାରୀ ଏକାଠି ହୋଇଥିଲା । ହାତରେ ସିଏଏ ଓ ଏନଆରସି ବର୍ଜନ କରାଯାଉ ବୋଲି ପ୍ଲାକାର୍ଡ ଥିଲା । ଏହି ପଡିଆରେ ବାମପନ୍ଥୀ ଦଳର ନେତା ବାବାଜୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଆକବର ଅଲ୍ଲୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସିପିଆଇ(ଏମ) ଜିଲା ସମ୍ପାଦକ ଗୟାଧର ଧଳ, ଉମେଶ ଚନ୍ଦ୍ର ସିଂହ, ଶ୍ରମିକ ନେତା ଜଗତଜୀବନ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ବକ୍ତାମାନେ ଦେଶରେ ସାମ୍ପ୍ରଦାୟିକ ଭେଦଭାବ ସୃଷ୍ଟି ପାଇଁ ଏହି ଆଇନ ଉଦ୍ଦିଷ୍ଟ ବୋଲି ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିବଜୁର ରହମାନ, ଶରତ କୁମାର ବେହେରା, ମୀର ଆବୁ ଓବେଦା, କଂଗ୍ରେସ ନେତା ସଞ୍ଜୟ ରାଉତ, ଅବଦୁଲ୍ ସତାର, ମୌଲାନା ଅୟାଜ ଆଲ୍ଲମ, ମୌଲାନା ଜଲାଲ, ମୌଲାନା ଜକିରୁଦ୍ଦିନ ଅଲ୍ଲୀ, ହାଫିଜ ସଫିଉଦ୍ଦିନ, ହାଫିଜ ସୁଲ୍ତାକ, ହାଫିଜ ତୋହିବୁର ରହେମାନ, ମୀର ଜରାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅପରପକ୍ଷରେ ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା । ଏସପି ନୀତିଶେଖର ଓ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା ।

### ■ ଶିଶୁ ବିକାଶ ଯୋଜନା ଦିଗହରା

# କ୍ଳବ ବାରଣ୍ଡାରେ ପାଠପଢ଼ା

**ମହାକାଳପଡା,୨୧।୧୨(ଡି.ଏନ.ଏ.)**

ମହାକାଳପଡା ବ୍ଲକ ସ୍ଥାନୀୟ ଖରିନାସୀ ପଞ୍ଚାୟତର ଖରିନାସୀ ଗ୍ରାମରେ ଥିବା ବାସନ୍ତୀ ମନ୍ଦିର ନିକଟ ଏକ କ୍ଲବ ଘରେ ୬ ନଂ. ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ପାଠ ପଢୁଥିବା ଦେଖିବାକୁ ମିଳୁଛି । ସ୍ଥାୟୀ ଗୃହ ନ ଥିବାରୁ ଏହି ସମସ୍ୟା ଉପୁଜିଛି । ଏହି କେନ୍ଦ୍ରରେ ମୋଟ ୩୭ ଜଣ ଶିଶୁ ଖରା, ବର୍ଷା, ଶୀତ କାକରରେ କ୍ଲବ ବାରଣ୍ଡାରେ ପାଠ ପଢୁଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ନାହିଁ । ସେହିପରି ଏହି ବାରଣ୍ଡାରେ ଏକ ବାଉଁଶ ତାଟି ଘେରାଯାଇ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରାଯାଇଛି। କିନ୍ତୁ ଏହାର ସୁଫଳ ଏହି କେନ୍ଦ୍ରର ପିଲାମାନେ ପାଇବାରୁ ବଞ୍ଚିତ ହୋଇଛନ୍ତି । ନୂତନ ଗୃହ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନ୍ତରିକତା ନ ଥିବାରୁ ସମସ୍ୟା ବଢି ଚାଲିଛି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ମନୋରମା ଘଡାଇ କହିଛନ୍ତି ଯେ, ନିଜସ୍ୱ ଘର ନ ଥିବାରୁ ୨୦୧୦ ମସିହାରୁ ଏହି କ୍ଲବ ବାରଣ୍ଡାରେ ଶିକ୍ଷାଦାନ ଚାଲିଛି। ବାରଣ୍ଡା ନିକଟକୁ କୁକୁର , ଗାଈ ପଶି ଆସୁଥିବାରୁ ବିପଦ ରହିଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସାମାଜିକ କର୍ମୀ ସୁବାସ ସ୍ୱାଇଁ ନିକଟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ମହାକାଳପଡା ସମ୍ପୃକ୍ତ ଶିଶୁ ବିକାଶ ଅଧିକାରିଣୀ ମନୋରମା ସ୍ୱାଇଁଙ୍କ ମତାମତ ନେବାରେ ନିଜସ୍ୱ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



## ଏ ସପ୍ତାହର କାର୍ଯ୍ୟକ୍ରମ

୨୨।୧୨।୨୦୧୯ (ରବିବାର)

- ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ– ମାର୍ଶାଘାଇ, ସମୟ– ଅପରାହ୍ନ ୨ଟା
- ବଜ୍ରମହାକାଳୀ ଯୁବକ ସଂଘର ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ– ଆଖୁଆ ଓଡ଼ଙ୍ଗ, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୧୦ଟା
- ଚିତ୍ରୋତ୍ପଳା ମହାବିଦ୍ୟାଳୟର ଖେଳପଡିଆ ଉନ୍ନତୀକରଣ ପାଇଁ ଶିଳାନ୍ୟାସ, ସ୍ଥାନ–ମହାବିଦ୍ୟାଳୟ ପରିସର, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୧୧ଟା
- ପୁନର୍ବାସ ସମର୍ଥ ସମ୍ମାନ ଉତ୍ସବ, ସ୍ଥାନ– ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୮ଟା
- ବାଞ୍ଛାନିଧି ଦାସ– ଶ୍ରୀମତୀ ଦେବୀ ଚାରିଟେବ୍‌ଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ– ଟାଉନ ହଲ୍, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୧୧ଟା
- ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ– ସରସ୍ୱତୀ ବିଦ୍ୟାମନ୍ଦିର, ମନକରପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୧୦ଟା
- କଳାହାଣ୍ଡିର ରିଦିମ ସ୍କିଲ କାର୍ଯ୍ୟକ୍ରମ, ସ୍ଥାନ– ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା

୨୩।୧୨।୨୦୧୯ (ସୋମବାର)

- ମିଳିତ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ– ବ୍ଲକ କାର୍ଯ୍ୟାଳୟ, ମହାକାଳପଡା, ସମୟ– ପୂର୍ବାହ୍ନ ୧୦ଟା
- ପାୟଲ ମ୍ୟୁଜିକ ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ– ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା

୨୪।୧୨।୨୦୧୯ (ମଙ୍ଗଳବାର)

- ସମ୍ବଲପୁର କଳା ପରିଷଦର ଲୋକନୃତ୍ୟ, ସ୍ଥାନ– ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା

୨୫।୧୨।୨୦୧୯ (ବୁଧବାର)

- ଝାଡଖଣ୍ଡ ରାଜ୍ୟ ଷଢେଇକଳାର ଲୋକନୃତ୍ୟ, ସ୍ଥାନ– ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ, ସ୍ଥାନ– କମଳ ଭବନ, ଗୋପ, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୧୦ଟା

୨୬।୧୨।୨୦୧୯ (ଗୁରୁବାର)

- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ– ମୋହନମୁରଲୀ ମଠ, ଗିରଙ୍ଗ, ମାର୍ଶାଘାଇ, ସମୟ– ଅପରାହ୍ନ ୨ଟା
- ଆସାମର ବିହୁ ନୃତ୍ୟ, ସ୍ଥାନ– ପଲ୍ଲିଶ୍ରୀ ମେଳା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ– ଅପରାହ୍ନ ୫ଟା

୨୭।୧୨।୨୦୧୯ (ଶୁକ୍ରବାର)

- ମାର୍ଶାଘାଇ ବଜାର କମିଟିର ରକ୍ତଦାନ ଶିବିର, ସ୍ଥାନ– ଗୋପବନ୍ଧୁ କ୍ଲବ, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୮ଟା
- ଜାତୀୟ ସେବା ଯୋଜନା ଶିବିରର ଉଦ୍‌ଯାପନ, ସ୍ଥାନ– ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ, ସମୟ– ଅପରାହ୍ନ ୨ଟା

୨୮।୧୨।୨୦୧୯ (ଶନିବାର)

- ଭାରତୀୟ ଜାତୀୟ କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ, ସ୍ଥାନ– କଂଗ୍ରେସ ଭବନ କଜଳା, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୧୦ଟା

### ■ ଇତିହାସ ବିଭାଗର ଆଲୋଚନାଚକ୍ର

## ତୃଣମୂଳ ସ୍ତରରେ ଉନ୍ନତି ଗାନ୍ଧିଜୀଙ୍କ ଅର୍ଥନୈତିକ ପ୍ରସଙ୍ଗ ଥିଲା

**ପଟ୍ଟାମୁଣ୍ଡାଇ,୨୧।୧୨(ସ୍ୱ.ପ୍ର.)**

ପରାଧୀନ ଭାରତରେ କୁଟି ଖାଅ, କାଟି ପିନ୍ଧ ଗାନ୍ଧିଜୀଙ୍କ ସ୍ଲୋଗାନ ଜନ ମାନସରେ ଆଦୃତ ହୋଇଥିଲା । କୁଟୀର ଶିଳ୍ପ ଦ୍ୱାରା ସ୍ୱାବଲମ୍ବୀ ହେବାକୁ ସେ ପରାମର୍ଶ ଦେଇଥିବା ବେଳେ ତୃଣମୂଳ ସ୍ତରରେ ମାନବ ସମ୍ବଳ ବିନିଯୋଗକୁ ପ୍ରୋତ୍ସାହିତ କରୁଥିଲେ । ଏକବିଂଶ ଶତାବ୍ଦୀରେ ତାଙ୍କର ମାନବ ସମ୍ବଳ ବିନିଯୋଗ ବିଚାରଧାରାର ଏବେ ବି ପ୍ରାସଙ୍ଗିକତା ଥିବା ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି। ପୂର୍ବାହ୍ନରେ କଲେଜ ପରିସରରେ ଅଧ୍ୟକ୍ଷ ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଏକବିଂଶ ଶତାବ୍ଦୀରେ ଗାନ୍ଧିଜୀଙ୍କ ଅର୍ଥନୈତିକ ବିଚାରଧାରା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାଧ୍ୟାପକ ଡ. ହରିହର ପଣ୍ଡା ମୁଖ୍ୟ ଆଲୋଚକ, ପ୍ରାଧ୍ୟାପକ ତପନ କୁମାର ପତି ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଅର୍ଥ ବ୍ୟବସ୍ଥାରେ ସମାନତା ପାଇଁ ତୃଣମୂଳ ସ୍ତରର ଲୋକଙ୍କୁ ଶିକ୍ଷା, ତାଲିମ, ପ୍ରୋତ୍ସାହନକୁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିବା ଦର୍ଶାଇଥିଲେ। ସେହିପରି ଭାରତବର୍ଷରେ ବୃହତ ଶିଳ୍ପର ସ୍ୱପ୍ନ ଦେଖିଥିବା ବେଳେ ଏକ ସମୃଦ୍ଧ ଦେଶ ପାଇଁ ବିଚାର ରଖିଥିଲେ ବୋଲି ସେମାନେ ଦର୍ଶାଇଥିଲେ । ସଂଗଠନ ସମ୍ପାଦକ ଡ. ପ୍ରମୋଦ କୁମାର ସାମଲ ଆଲୋଚନାଚକ୍ର ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ । ବିଭାଗୀୟ ଅଧ୍ୟାପକ ରବୀନ୍ଦ୍ର ପଣ୍ଡା ଓ ଅଧ୍ୟାପକ ରଞ୍ଜନ କୁମାର ବେହୁରା ଏହାକୁ ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ପ୍ରାଧ୍ୟାପକ ଡ. ପ୍ରତାପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ ।

ଏଥିରେ ଚିତ୍ରୋତ୍ପଳା କଲେଜ ଅଧକ୍ଷ ଡ. ବଳରାମ ଲେଙ୍କା, ଅଧ୍ୟାପକ ଡ. ସର୍ବେଶ୍ୱର ସେଠୀ, ଅଧ୍ୟାପକ ମୁରଲୀଧର କର, ଡ. ରତ୍ନମଣି ମିଶ୍ର, ରବୀନ୍ଦ୍ର ଦାସ, ବଂଶୀଧର ମିଶ୍ର, ଡ. ପ୍ରମୋଦ କୁମାର ରାଉତ, ଡ. ହିମାଂଶୁ ପରିଡା, ଅରୁଣ କୁମାର ଦାସ, ନୃସିଂହ ଚନ୍ଦ୍ର ସ୍ୱାଇଁ, ନୃସିଂହ ଚନ୍ଦ୍ର ପ୍ରଧାନ, ସ୍ୱାତୀସୁଧା ପଣ୍ଡା, କ୍ରାନ୍ତିମୟୀ ପଣ୍ଡା, ମିନତିପ୍ରଭା ବିହାରୀ ପ୍ରମୁଖ ଗାନ୍ଧିଜୀଙ୍କ ଅର୍ଥନୀତି ବିଚାର ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରୀ ଅର୍ଚ୍ଚନା ମଲିକ ଓ ଅଧ୍ୟାପକ ମାନସ କୁମାର ନାୟକ ଏହାକୁ ସଂଯୋଜନା କରିଥିଲେ । ଅଧ୍ୟାପକ ଡ. ରମେଶ ସାହୁ, ପ୍ରାଧ୍ୟାପକ ଦିଲୀପ ଭୂୟାଁ, ରଞ୍ଜିତ ସେନାପତି, ଡ. ପ୍ରେମଲତା ରାଉତ, ଅଧ୍ୟାପିକା ନିରୁପମା ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ର ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଆଲୋଚକମାନେ।

## ବାଳିକା ଆତ୍ମରକ୍ଷା ଶିବିର

**ମାର୍ଶାଘାଇ, ୨୧।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅଧୀନ ବଉଦ ଛକ ନିକଟସ୍ଥ ମା' ତାରିଣୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ବିକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏହି ଶିବିର ହୋଇଥିଲା । ଶିବିରରେ ମୁଖ୍ୟଅତିଥି ଭାବେ ଚିତ୍ରୋତ୍ପଳା ମହାବିଦ୍ୟାଳୟର ଅଧକ୍ଷ ବଳରାମ ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦିଲୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ ଦାସ, ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବାଳିକା ଆତ୍ମରକ୍ଷା କୌଶଳ ଜ୍ଞାନ ଶିଖିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସଂଯୋଜିକା ଶୈଳବାଳା ମହାନ୍ତି ଏହାକୁ ପରିଚାଳନା କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ପୁଷ୍ପାଞ୍ଜଳି ନାୟକ , ରୁନୁପ୍ରିୟା ଦାସ ଯୋଗ ଦେଇଥିଲେ । ସୁଶାନ୍ତ କୁମାର ବିଶୋଇ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଶିବିରରେ ଉପସ୍ଥିତ ଅତିଥିମାନେ।

**ଡେରାବିଶ,୨୧।୧୨(ସ୍ୱ.ପ୍ର.)**

ଡେରାବିଶ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଚତୁର୍ଭୁଜ କର ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜର ଇଂରାଜି ଅଧ୍ୟାପକ ଲୋକନାଥ ଗିରି ଏବଂ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ଅଧ୍ୟାପକ ବୃନ୍ଦାବନ ଦାସ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନ ସମୟରେ ନାରୀ ସମାଜ ପ୍ରତି ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ସେଥିପାଇଁ ସରକାର ପ୍ରତ୍ୟେକ ବିଦ୍ୟାଳୟ ଓ କଲେଜର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ବିଭିନ୍ନ କୌଶଳ ଶିକ୍ଷା ଦେବା ପାଇଁ ଶିବିରମାନ ଆୟୋଜିତ କରି ଚାଲିଛନ୍ତି। ତେଣୁ ଏହି ଶିବିରରେ ବିଭିନ୍ନ କୌଶଳ ଶିକ୍ଷା କରି ଛାତ୍ରୀମାନେ ନିଜର ଆତ୍ମରକ୍ଷା କରିବା ଅପରିହାର୍ଯ୍ୟ ହୋଇପଡିଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶାନ୍ତନୁ ମାଟି, ଶରତଚନ୍ଦ୍ର ପୃଷ୍ଟି, ଅଧ୍ୟାପିକା ରୁଦ୍ରାଣୀ ପଟ୍ଟନାୟକ, ପ୍ରତିଭା ସ୍ୱାଇଁ, ସଂଯୁକ୍ତା ସେଠୀ, ଦେବସ୍ମିତା ଜେନା , ଦୁଇ ପ୍ରଶିକ୍ଷିକା ତଥା ଚିତ୍ରୋତ୍ପଳା କଲେଜର ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଜେନା ଓ ପ୍ରଭାତି ମଲିକ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୧୨ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ କଲେଜର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ୪ଟି ପର୍ଯ୍ୟାୟରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ନେବାର ଅଛି ।

## କଣ୍ଡିଆହାଟ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଟ୍ରାକ୍ଟର ଚଳାଚଳ ବନ୍ଦ ପାଇଁ ଦାବି କଲେ ମହିଳା

**ରାଜକନିକା,୨୧।୧୨(ଡି.ଏନ.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଡିଆହାଟ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଯାଇଥିବା ରାସ୍ତା ଦେଇ ଟ୍ରାକ୍ଟରଗୁଡିକ ଯାତାୟତ କରୁଥିବାରୁ କଣ୍ଡିଆ ମଳିକ ସାହିର ମହିଳାମାନେ ଏହାର ଦୃଢ ପ୍ରତିବାଦ କରିଛନ୍ତି । ଶନିବାର ସେମାନେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବସି ଏହାର ଦୃଢ ବିରୋଧ କରିଥିଲେ । ଟ୍ରାକ୍ଟରଗୁଡିକ ଅବାଧରେ ଚଳାଚଳ କରୁଥିବା ବେଳେ ଧଡଧଡ ଶବ୍ଦରେ ସମଗ୍ର ବଜାର ସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ କମ୍ପିଉଠୁଛି । ରୋଗୀ ସେବା ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ଫଳରେ ଲୋକେ ବଜାର ଭିତରକୁ ଯିବା ପାଇଁ ହଇରାଣ ହରକତ ହେଉଛନ୍ତି । ଅପରପକ୍ଷରେ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା କୁନିକୁନି ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିଛି। କେତେବେଳେ ଅଘଟଣ ଘଟିବ କହି ହେଉନାହିଁ । ଏହି ରାସ୍ତାରେ ତୁରନ୍ତ ଟ୍ରାକ୍ଟର ଚଳାଚଳ ବନ୍ଦ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଚାରିପଟେ ପାଚେରୀ ଉଠାଇବା ପାଇଁ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ମହିଳାମାନେ ଦାବି କରିଛନ୍ତି।



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ମହିଳା ଓ ଗ୍ରାମବାସୀ।

# ରାସାୟନିକ ବିପର୍ଯ୍ୟୟ ପ୍ରତି ସଚେତନ ନୁହେଁ ଜିଲା ପ୍ରଶାସନ

**କେନ୍ଦ୍ରାପଡା ଅଫିସ, ୨୧।୧୨**

୧୯୮୪ ମସିହାରେ ଭୋପାଳ ଗ୍ୟାସ୍ ଦୁର୍ଘଟଣା ବହୁ ଲୋକଙ୍କ ଜୀବନ ନେଇଛି। ନିକଟରେ ବାଲେଶ୍ୱରର ଏକ ଚିଙ୍ଗୁଡି ଫାର୍ମରୁ ନିର୍ଗତ ରାସାୟନିକ ଗ୍ୟାସ୍ ପାଇଁ ୩୨ ଜଣ ଗୁରୁତର ଅସୁସ୍ଥ ହେବା ସହିତ ସଂପୃକ୍ତ କମ୍ପାନୀର ୭ ଜଣଙ୍କୁ ଗିରଫ କରାଯାଇଛି । କେନ୍ଦ୍ରାପଡା ଜିଲାରେ ଶିଳ୍ପାନୁଷ୍ଠାନ ନ ଥିଲେ ମଧ୍ୟ ରାସାୟନିକ ଗ୍ୟାସ ବିପର୍ଯ୍ୟୟ ବଳୟରେ ଅଛି । ଏଥିନେଇ ଜିଲା ପ୍ରଶାସନ ସଚେତନ ହେଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ଏହି ଜିଲାର ତିନି ପାର୍ଶ୍ୱରେ ଥିବା ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାରେ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି । ଧାମରା ଓ ପାରାଦୀପ ବନ୍ଦରକୁ ସମୁଦ୍ର ମଧ୍ୟ ଦେଇ ଗ୍ୟାସ ଓ ରାସାୟନିକ ପଦାର୍ଥ ପରିବହନ ହେଉଥିବା ବେଳେ ପଡୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ଶିଳ୍ପାନୁଷ୍ଠାନ ପାଇଁ ଚଣ୍ଡିଖୋଲ– ପାରାଦୀପ ରାସ୍ତାରେ ରାସାୟନିକ ପଦାର୍ଥ ବିଭିନ୍ନ ଗାଡିରେ ପରିବହନ ହେଉଛି । ଏହି ୩ଟି ଜିଲାରେ କୌଣସି ରାସାୟନିକ ଦୁର୍ଘଟଣା ହେଲେ କେନ୍ଦ୍ରାପଡା ଜିଲାବାସୀ ପ୍ରଭାବିତ ହେବେ ବୋଲି କେନ୍ଦ୍ରାପଡା ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ, ୨୦୧୮ ମସିହା ଜୁନ ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନକାରୀ ପରିଷଦର ଭୁବନେଶ୍ୱର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାସାୟନିକ ଦୁର୍ଘଟଣା ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ ଗ୍ରୁପ ତତ୍ପରତା ସହିତ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା । ଏଠାରେ ଦର୍ଶାଯାଇଥିଲା ଯେ, ରାସାୟନିକ ପଦାର୍ଥ ପରିବହନ କରୁଥିବା ଟ୍ୟାଙ୍କର ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ବିପର୍ଯ୍ୟୟ ସୃଷ୍ଟି କରୁଛି । ଏହାବ୍ୟତୀତ ଟକ୍ସିକ ବର୍ଜ୍ୟର ପରିଚାଳନାରେ ତ୍ରୁଟି ଯୋଗୁ ପରିବେଶ ଦୂଷିତ ହେଉଛି । ଅନେକ ସମୟରେ ରାସାୟନିକ ପ୍ରଭାବରୁ ଖାଦ୍ୟ ପଦାର୍ଥ ସଂକ୍ରମିତ ହେଉଛି । ଏହି କ୍ରାଇସିସ୍ ଗ୍ରୁପ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହିତ ଏହାର ନିରାକରଣର ବ୍ୟବସ୍ଥା କରିବ । ଏହି ନିଷ୍ପତ୍ତିକୁ ଇତିମଧ୍ୟରେ ଦେଢ ବର୍ଷ ବିତିଛି । ଜିଲା ପ୍ରଶାସନ ଏନେଇ ବାର୍ଷିକ ଗୋଟିଏ ବୈଠକ କରିବା ପରେ ଜିଲାବାସୀଙ୍କ ସୁରକ୍ଷାକୁ ଭୁଲି ଯାଉଛି । ଏହି ଜିଲା ଅଦ୍ୟାବଧି କ୍ରାଇସିସ ମେଣ୍ଟେନିଂ ଗ୍ରୁପର ସର୍ଭେ ପରିସରକୁ ଆସିନାହିଁ ବୋଲି ବୁଦ୍ଧିଜୀବୀ ସାମଲ ପ୍ରକାଶ କରିଛନ୍ତି। ସୂଚନା ଅଧିକାର ଅଭିଯାନ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ନିକଟବର୍ତ୍ତୀ ଜଗତ୍‌ସିଂହପୁର ଜିଲାର ଇଫକୋ, ପିପିଏଲ, ଆଓସିଏଲ ପରି ୯ଟି ଶିଳ୍ପାନୁଷ୍ଠାନ ଅଛି । ଏହି ଶିଳ୍ପ ନିମନ୍ତେ ରାସାୟନିକ ପଦାର୍ଥ ପରିବହନ ପାଇଁ କେନ୍ଦ୍ରାପଡା ଜିଲା ରାସ୍ତାକୁ ବ୍ୟବହାର କରାଯାଉଛି । ସେହିପରି ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁ ସାଧାରଣ ଜନତା ଦୁର୍ଦ୍ଦଶା ଭୋଗୁଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି ଯେ, ଜଗତ୍‌ସିଂହପୁର ଜିଲାର ଶିଳ୍ପାନୁଷ୍ଠାନର ବର୍ଜ୍ୟବସ୍ତୁ ଯୋଗୁ ଚର୍ମ ଓ ବିଭିନ୍ନ ରୋଗ ବ୍ୟାପିବା, ରାସାୟନିକ ବର୍ଷା ହେବା ଆଦି ଅଭିଯୋଗ ସୂଚନା ଅଧିକାର ଆଇନ ଅଭିଯାନ ପକ୍ଷରୁ ବିଗତ ଦିନରେ ଆୟୋଜିତ ଏକ ଜନ ଅଭିଯୋଗ ଶିବିରରେ ଆସିଥିଲା । ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଏନେଇ ଅଭିଯୋଗ ଆଣିଥିଲେ । ଅଭିଯାନ ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ନିରାକରଣ ହୋଇପାରି ନାହିଁ । ପରିବେଶବିତ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ପାରାଦୀପସ୍ଥିତ ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶକୁ ନଷ୍ଟ କରୁଛି। ନଦୀ ଜଳରେ ପ୍ରବାହିତ ଏହି ବର୍ଜ୍ୟବସ୍ତୁ ସାମୁଦ୍ରିକ ଜୀବଙ୍କ ଉପରେ ପ୍ରଭାବ ପକାଉଛି । ସେହିପରି ଚିଙ୍ଗୁଡି ଘେରିରୁ ନିର୍ଗତ ରାସାୟନିକ ବିପର୍ଯ୍ୟୟକୁ ଜିଲା ପ୍ରଶାସନ ନଜର ଅନ୍ଦାଜ କରିଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି ଯେ, ରାସାୟନିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ଜିଲାରେ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ଜିଲାରେ ଥିବା ବେଆଇନ ଚିଙ୍ଗୁଡି ଘେରିର ଉଚ୍ଛେଦ ହେଉଛି । ଖାଦ୍ୟ ପଦାର୍ଥର ରାସାୟନିକ ପରୀକ୍ଷଣ ଚାଲିଛି। କ୍ରାଇସିସ ମେଣ୍ଟେନିଂ ଗ୍ରୁପ୍‌ର ସର୍ଭେ ପରିସରକୁ ଜିଲାକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରି ଆଣ୍ଡ ବୟଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ।। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ ଲିଙ୍କନ



## ସଂକ୍ଷେପରେ

### ତହସିଲ ପକ୍ଷରୁ ଚଢ଼ାଉ, ୪ଟି ଗାଡ଼ି ଜବତ

ଧର୍ମଶାଳା,୨୧।୧୨(ଡିଏନ୍ଏ)- ଧର୍ମଶାଳା ତହସିଲ ପକ୍ଷରୁ ଶନିବାର ଭୋର ସମୟରେ ୫୩ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବେଆଇନଭାବେ ପରିବହନ କରୁଥିବା ଗାଡିଗୁଡିକ ଉପରେ ଚଢାଉ କରାଯାଇଥିଲା। ୨ଟି ଟ୍ରାକ୍ଟର, ୨ଟି ହାଇୱା କଳାପଥର ପରିବହନ କରୁଥିଲାବେଳେ ସେମାନଙ୍କ ନିକଟରେ ୱାଇ ଫର୍ମ ନ ଥିବାରୁ ସେଗୁଡିକୁ ଜବତ କରାଯାଇଥିଲା। ୨ଟି ହାଇୱାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଓ ପୋଲିସ ଫୋର୍ସ ସହ ଶନିବାର ଭୋର ସମୟରେ ୫୩ନଂ ଜାତୀୟ ରାଜପଥର ଆରୁହା, ବରଡା, ବାରମାଣ, ବାଘୁଆ ଛକଗୁଡ଼ିକରେ କଳାପଥର ପରିବହନ କରୁଥିବା ଗାଡିଗୁଡିକୁ ତନଖି କରିଥିଲେ। ୨ଟି ଟ୍ରାକ୍ଟର ଓ ୨ଟି ହାଇୱା ୱାଇ ଫର୍ମ ଦେଖାଇ ନ ପାରିବାରୁ ଟ୍ରାକ୍ଟର ୨ଟିକୁ ଚଢେଇଧରା ଫାଣ୍ଡିରେ ଓ ହାଇୱା ଗାଡି ୨ଟିକୁ ଚଣ୍ଡିଖୋଲ ଫାଣ୍ଡିରେ ଅଟକ ରଖିଥିଲେ। ପରେ ହାଇୱା ୨ଟିର ମାଲିକ ଜରିମାନା ଦେଇ ଗାଡି ନେଇଥିବା ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

### ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଦଶରଥପୁର,୨୧।୧୨(ଡିଏନ୍ଏ)- ଦଶରଥପୁର ବ୍ଲକ ରାମବାଗସ୍ଥିତ ରିଜିଓନାଲ ଡିଗ୍ରୀ କଲେଜରେ ୧୨ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା ସମିତିର ସଭାପତି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଛାତ୍ରୀଙ୍କ ନିମନ୍ତେ ନିଜର ଆତ୍ମସୁରକ୍ଷା ପାଇଁ ଏପରି ଶିବିର ନିହାତି ଜରୁରୀ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଡିଗ୍ରୀ କଲେଜର ସଭାପତି କେଦାର ନାରାୟଣ ପରିଡ଼ା, ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ଯୁକ୍ତ ୨ କଲେଜ ଅଧକ୍ଷ ଅନୀଲ କୁମାର ମହାନ୍ତି, ଅଧାପକ ରଣଜିତ୍ ସିଂହ, ଜଗନ୍ନାଥ ପରିଡ଼ା, ଶାନ୍ତନୁ ନାୟକ, ବିଶ୍ୱମିତ୍ରା ଦାସ, ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଙ୍କୁ ଶିବିରରେ ଦିଆଯାଇଥିବା କୌଶଳଗୁଡ଼ିକୁ ପ୍ରତିଦିନ ଘରେ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅଧାପିକା ନିବେଦିତା ବେଉରିଆ, ବିଜୟିନୀ ପାକିଜା ସାମଲ, ଶଶଧର ଦାସ, ବିଜୟ ଦାସ, ମାନସୀ ମହାନ୍ତି, ଅନ୍ନପୂର୍ଣ୍ଣା ଦାସ, ଗୌରାଙ୍ଗ ବେହେରା, ସଙ୍ଗୀତା ପତି, କ୍ଷୀରାବ୍ଧୀ ତନୟା ସାମନ୍ତ, ଲିପ୍ସା ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ।

### ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ସିଂହପୁର,୨୧।୧୨(ଡିଏନ୍ଏ) ବିଞ୍ଝାରପୁର ବ୍ଲକ ନାଉବାଙ୍କସ୍ଥିତ ଧ୍ରୁବଚରଣ ହାଇସ୍କୁଲ ପରିସରରେ ବିଞ୍ଝାରପୁର ବ୍ଲକ ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ପ୍ରଦୀପ ମିଶ୍ର ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସଭ୍ୟ ବିଜୟା ନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଦୀପ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲିକ, ମୁଖ୍ୟବକ୍ତା ନୃସିଂହ ଚରଣ ବେହେରା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ନନ୍ଦକିଶୋର ସାମଲ, ଅନ୍ୟତମ ଅତିଥି ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ପିତାମ୍ବର ସ୍ୱାଇଁ, ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ପ୍ରଧାନ, ସରପଞ୍ଚ ସ୍ୱପ୍ନା ମଞ୍ଜରୀ ଲେଙ୍କା, ନାରଣ ଦାସ ପ୍ରମୁଖ ଯୋଗଦେଇ ଶିଶୁର ଅନ୍ତର୍ନିହିତ ପ୍ରତିଭା ବିକାଶରେ ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଶିକ୍ଷକ ନେତା ଦିଗମ୍ବର ସାହୁ, ପ୍ରଧାନ ଶିକ୍ଷକ ସତ୍ୟଭୂଷଣ ବାରିକ, ଓଷ୍ଟା ସମ୍ପାଦକ ପ୍ରଦୀପ ଜେନା, ଶିକ୍ଷକ ପ୍ରତିନିଧି ଭରତ ଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଞ୍ଝାରପୁର ବ୍ଲକର ୨୫ଟି ଉଚ୍ଚ ବିଦ୍ୟାଳୟର ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୦ଟି ବିଭାଗରେ ଭାଗ ନେଇଥିଲେ। ବିଚାରକଭାବେ ଦିଲୀପ ମିଶ୍ର, ମାଧବାନନ୍ଦ ଦାସ, କୃଷ୍ଣଚନ୍ଦ୍ର ଥାଟୋଇ, ସୁରେନ୍ଦ୍ର ସାମଲ, କମ୍ବଳ ସେଠୀ, ମିହିର ରାଉତ କାର୍ଯ୍ୟ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ସାମଲ, ରତିକାନ୍ତ ସାମଲ ସହଯୋଗ କରିଥିଲେ। ବିପିନ ବିହାରୀ ରାଉତ, ଦାମୋଦର କର ସତ୍ୟନାରାୟଣ ପାତ୍ର, ଅର୍ଜ୍ଜୁନ ମିଶ୍ର, ପ୍ରଶାନ୍ତ ନାୟକ, ରବିନ୍ଦ୍ର ବିଶ୍ୱାଳଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ

# ମିଳୁନାହିଁ ପରିବର୍ତ୍ତିତ ଆବାସ ଅର୍ଥ

**ଅଶୋକ ଦାସ**
ଜେନାପୁର,୨୧।୧୨(ଡି.ଏନ୍.ଏ.)

ଅସହାୟ, ବିଧବା ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଧର୍ମଶାଳା ବ୍ଲକ ସାହାଣିଡିହ ପଞ୍ଚାୟତ ଦଣ୍ଡାଘାଟି ଗ୍ରାମର
ସ୍ୱର୍ଗତ ଗୁରି ରାଉତଙ୍କ ବିଧବା ପତ୍ନୀ ସାବି ରାଉତଙ୍କ ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସ୍ୱାମୀଙ୍କ ଦେହାନ୍ତ ପରଠାରୁ ସାବି ନିଜର ଛୋଟ ପୁଅକୁ ଧରି ଏକ ଭଙ୍ଗା ଚାଳଛପର ଘରେ ରହୁଛନ୍ତି। ଚାଳ ଛପର ଘରଟି ଭାଙ୍ଗି ରୁଜି ଯାଇଥିବାରୁ ୨୦୧୩ ରେ ଧର୍ମଶାଳା ବ୍ଲକ ପକ୍ଷରୁ ତାଙ୍କୁ ଏକ ଇନ୍ଦିରାଆବାସ ଗୃହମଞ୍ଜୁର କରାଯାଇ ୮।୮।୨୦୧୩ରେ ପତ୍ର ସଂଖ୍ୟା ୪୩୩୧ ବିପିଏଲ୍ ନଂ୧୮୮୩୪/୯୭ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟାଦେଶ ପାଇବା ପରେ ସାବି ଧାର କରଜ କରି ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ଦିନ ପରେ ପ୍ରଥମ କିସ୍ତି ୨୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଟଙ୍କା ପାଇବା ପରେ ବିଧବା ସାବି ଇନ୍ଦିରା ଆବାସ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିମ୍‌ଟାଲ ପର୍ଯ୍ୟନ୍ତ ନେଇଥିଲେ। ଦ୍ୱିତୀୟ କିସ୍ତି ପାଇ ବ୍ଲକକୁ ଯାଇଥିଲେ ମଧ୍ୟ ତାହା ମିଳିପାରି ନ ଥିଲା। ଯେଉଁଥିପାଇଁ ସେ ଆଉ ଘରକାର୍ଯ୍ୟ କରିବାକୁ ସକ୍ଷମ ହୋଇ ନ ଥିଲେ। ଏଣୁ ବ୍ଲକ ପ୍ରଶାସନ ଦ୍ୱିତୀୟ କିସ୍ତି ଦେବା ବଦଳରେ ତାଙ୍କୁ

**ଜରାଜୀର୍ଣ୍ଣ କୁଡ଼ିଆରେ ବିତୁଛି ଜୀବନ**



ନୂତନ ପରିବର୍ଦ୍ଧିତ ଅର୍ଥରାଶି ଅନୁଯାୟୀ ଏକ ନୂତନ ଘର ପାଇଁ ଅଧିକ ଟଙ୍କା ଯୋଗାଇ ଦେବାକୁ ବିଡିଓଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟନିର୍ବାହୀ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ପ୍ରବର୍ତ୍ତାଇ ଥିଲେ। ଏପରି କି ପୂର୍ବରୁ ପାଇଥିବା ପ୍ରଥମ କିସ୍ତିକୁ ଫେରାଇବାକୁ କହିଥିଲେ। ସାବି ପ୍ରଶାସନ କଥାକୁ ବିଶ୍ୱାସ କରିବା ସହ ଧାର କରଜ କରି ୬।୪।୨୦୧୬ରିଖରେ ରସିଦ ନଂ ୩,୭୨୪ରେ ପ୍ରଥମ କିସ୍ତି ବାବଦ ୨୨ହଜାର ଟଙ୍କା ଫେରାଇ ଥିଲେ। ହେଲେ ତାଙ୍କ ଆଶା ଓ ବିଶ୍ୱାସ ସ୍ୱପ୍ନରେ ରହିଗଲା। ୪।୭।୨୦୧୬ରେ ଜିଲାପାଳଙ୍କ ଅଭିଯୋଗ ଶିବିର ପତ୍ର ସଂଖ୍ୟା.୪୬୪୬ ଅଭିଯୋଗ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ସୁଫଳ ମିଳି ପାରି ନାହିଁ। ପ୍ରଶାସନ ସାବିଙ୍କୁ ଭଣ୍ଡାଇ ଦେଇ ଟଙ୍କା ନେଇଯିବା ପରେ ତାଙ୍କ ପାଇଁ ଆଉ ଦରଦ ଦେଖାଉ ନାହାନ୍ତି। ଫଳରେ କରଜ କରି ଟଙ୍କା ଫେରାଇ ଥିବା ଧାର ଶୁଝି ପାରୁ ନାହାନ୍ତି କି ଅର୍ଦ୍ଧ ନିର୍ମିତ ଘରକୁ ସମ୍ପୂର୍ଣ୍ଣ କରିପାରୁ ନାହାନ୍ତି। ତେଣୁ ଭଙ୍ଗାଦଦରା କୁଡ଼ିଆରେ ଚୋଟ ପୁଅକୁ ଧରି ଅତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଏହି ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଅଦ୍ଧିକାରୀ ଅଭୟ କୁମାର ସାହୁଙ୍କୁ ପଚାରୁବାରୁ ଟଙ୍କା ଫେରଇବାବେଳେ ତାଙ୍କର କୋଟା ସରି ଯାଇଥିଲା। ଏବେ ସର୍ଭେ କରାଯାଇଛି। ଘର ଆସିଲେ ତାଙ୍କୁ ଘର ଦିଆଯିବ ବୋଲି ସଫେଇ ଦେଇଛନ୍ତି। ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଦରଖାସ୍ତ ସହିତ ଫେରାଇ ଥିବା ଟଙ୍କାର ରସିଦକୁ ଦେବାପାଇଁ କହିଛନ୍ତି। ଏଥିପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ କୋହଭରା କଣ୍ଠରେ ସାବି ପ୍ରକାଶ କରିଛନ୍ତି।

### ଶିକ୍ଷକଙ୍କୁ ମାଡ଼ ମାରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା/ଜେନାପୁର, ୨୧।୧୨(ଡିଏନ୍ଏ)
ଧର୍ମଶାଳା ବ୍ଲକ ଜେନାପୁର ଥାନା ମର୍ଜିତାପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଗାଳିଗୁଲଜ ଓ ମାଡ ମାରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଗିରଫ ଯୁବକ ମର୍ଜିତାପୁର ଗ୍ରାମର ସୁବାସ ଚନ୍ଦ୍ର ଗାହାଣ ବୋଲି ଜଣାପଡ଼ିଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ଡିଆ ଗୁରୁବାର ଅପରାହ୍ନରେ ସ୍କୁଲ ଛୁଟି କରି ଯାଉଥିବାବେଳେ କବାଟବନ୍ଧ ମୁକୁନ୍ଦ ବିଦ୍ୟାପୀଠ ନିକଟରେ ସୁବାସ ନିଶାଶକ୍ତ ଅବସ୍ଥାରେ ତାଙ୍କୁ ରାସ୍ତାରେ ଅଟକାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲେ। ଖେଳୁଥିବା କିଛି ପିଲା ଏବଂ ଅନ୍ୟଜଣେ ଶିକ୍ଷକ ପହଞ୍ଚିବାରୁ ସୁବାସ ସେଠାରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଡିଆ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୨୯୪/୧୯) ରୁଜୁ କରି ଶୁକ୍ରବାର ତାଙ୍କୁ ଗିରଫ କରିଥିଲା। ଶନିବାର ଅଭିଯୁକ୍ତ ସୁବାସଙ୍କୁ ପୋଲିସ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

## ବ୍ୟାସନଗର ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

# ଭେଦଭାବ ନ ରଖି ଉପକାର କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

କଳିଙ୍ଗନଗର,୨୧।୧୨(ଡିଏନଏ)

ଯାଜପୁର ଜିଲା ବ୍ୟାସନଗର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେଇ ଝରଣା ଯେପରି ଜାତିରେ ଭେଦଭାବ ନ କରି ସମସ୍ତଙ୍କ ତୃଷ୍ଣା ମେଣ୍ଟାଇଥାଏ, ସେହିପରି ଆମେ ସମସ୍ତେ ଭେଦଭାବ ଦୂର କରି ସମସ୍ତଙ୍କ ଉପକାର କାରିବା ଉଚିତ ବୋଲି କହିଥିଲେ। ସେହିପରି ସଭା ମଞ୍ଚରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗ ଦେଇଥିଲେ। ଯାଜପୁର ରୋଡର କଳେବର ବୃଦ୍ଧି ପାଇଁ ବ୍ୟାସନଗର ସହର ହୋଇଥିବାବେଳେ କଳିଙ୍ଗନଗର ଏକ ବିଖ୍ୟାତ ଅଞ୍ଚଳ ବୋଲି ଭାରତ ବର୍ଷରେ ଗଣାଯାଉଛି। ଯାହାର ମୁଖଶାଳା ପାଲଟିଛି ବ୍ୟାସନଗର ସହର ବୋଲି କହିଥିଲେ।



ରାଜ୍ୟପାଳ ଗଣେଶୀ ଲାଲ୍ ପ୍ରଫୁଲ୍ଲ ଘଡେଇଙ୍କୁ ସମ୍ମାନିତ କରୁଛନ୍ତି ।

ରାଜ୍ୟପାଳ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲାବେଳେ ତାଙ୍କ ପୁଅ ସନ୍ତୋଷ ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଥମ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପ୍ରଥମ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଚନ୍ଦ୍ର ବେହୁରିଆ, ପୁରାତନ ଛାତ୍ରଭାବେ ମଦନ ମୋହନ ଶତପଥୀ, ସୁସ୍ମିତା ଭୂୟାଁ, ଦେବସ୍ମିତା ସାହୁ ପ୍ରମୁଖଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଏମ୍‌ପି ଶର୍ମୀଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ପୁରାତନ ଛାତ୍ର ସଂସଦ ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ସନ୍ତୋଷ ମହାନ୍ତି ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିରିନା ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ

କଳିଙ୍ଗନଗର,୨୧।୧୨(ଡିଏନଏ)
ଯାଜପୁର ରୋଡ ସେଲିବ୍ରେଶନ ମଣ୍ଡପରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗଦେଇ କହିଥିଲେ ଯେ, ଖବରଦାତାମାନେ ସମ୍ବାଦ ପରିବେଷଣ ସହିତ ସମାଜ ସେବାରେ ନିଜକୁ ଯେଭଳି ନିୟୋଜିତ କରୁଛନ୍ତି ଏହା ସମାଜ ପାଇଁ ଏକ ଶୁଭ ସୂଚନା। ଗ୍ରାମାଞ୍ଚଳ ସାମ୍ବାଦିକ ଓ ସାମାଜିକ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନା ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଖବରଦାତାଙ୍କ ସମସ୍ୟା ଓ ଏହାର ସମାଧନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାଜପୁର ଜିଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ ବଳ, ଯାଜପୁର ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତି, ପୂର୍ବତନ ପୈରାଧକ୍ଷା ସବିତା ରାଉତ, ଜିଲା ସାଧାରଣ ସମ୍ପାଦକ ରବିନାରାୟଣ, ହର୍ଷବର୍ଦ୍ଧନ ବେହେରା, ସଂଗ୍ରାମ କେଶରୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା, ପ୍ରକୃତି ଓ କ୍ରୀଡା ପାଇଁ ୧୩ ଜଣ ଅଦର୍ଶ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଖବରଦାତା ସଂଜୟ ଖଣ୍ଡାଇ, ପ୍ରଭୁଦତ୍ତ ମହାନ୍ତି, ଶୁଭାଶିଷ ରାଉତ, ଶୁଭାଶିଷ ଦାସ ମହାପାତ୍ର, ପ୍ରତାପ କୁମାର ବେହେରା, ସନ୍ତୋଷ କୁମାର ରଥ , ବିନୟ ରାଉତ, ବିଶ୍ୱଜିତ କର ପ୍ରମୁଖ ସହଯୋଗ କରିଥିଲେ।

### ଶଙ୍ଖଚିଲା ଲକ୍ଷ୍ମୀନାରାୟଣ ମହୋତ୍ସବ ଉଦ୍‌ଯାପିତ

କୋରେଇ,୨୧।୧୨(ସ୍ୱ.ପ୍ର)
କୋରେଇ ବ୍ଲକ ଖମଣ ପଞ୍ଚାୟତସ୍ଥିତ ଶଙ୍ଖଚିଲା ହାଟ ପଡିଆରେ ଲକ୍ଷ୍ମୀନାରାୟଣଙ୍କ ଯୁଗଳମୂର୍ତ୍ତି ପ୍ରତିଷ୍ଠାର ୮ମ ବାର୍ଷିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ନାମ ସଂକୀର୍ତ୍ତନ ଓ ସନ୍ଧ୍ୟାରେ କଟକର ଭଜନ ପ୍ରଣତୀ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହେବା ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଉଦ୍‌ଯାପନୀ ସଭା ଅନୁଷ୍ଠାନର ସଭାପତି ଚକ୍ରଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପିସିସିର ମହିଳା କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡା ଯୋଗଦେଇ ଧର୍ମୀୟ ଚେତନା ସମ୍ପର୍କରେ ମତବ୍ୟକ୍ତ କରିଥିବାବେଳେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ବିନୋଦ ବିହାରୀ ବେହେରା ଓ ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରଘୁନାଥ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ରାଘବ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହିଙ୍ଗୁଳା କମିଟିର ସମ୍ପାଦକ ତଥା ପୂର୍ବତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ ମରଣୋତ୍ତର ସମ୍ମାନ ଗୋପାଳଚରଣ ସାହୁଙ୍କୁ ଦିଆଯାଇଥିଲା। ଏହି ସମ୍ମାନ ତାଙ୍କ ଝିଅ ଯାଜ୍ଞସେନୀ ସାହୁ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ୧୯ତାରିଖରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଅନୁଷ୍ଠିତ ଡ୍ୟାନ୍ସଡ୍ୟାନ୍ସର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଅନନ୍ତଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କର୍ମଶାଳା

ଚଣ୍ଡିଖୋଲ,୨୧।୧୨(ଡ଼ି.ଏନ.ଏ)
ଯାଜପୁର ଓ କେନ୍ଦ୍ରପଡା ଜିଲା ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କର୍ମଶାଳା ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଘର ଉପସଚିବସୁରେଖା ସୁନ୍ଦରୀ ସ୍ୱାଇଁ, ମାଧ୍ୟମିକ ଶିକ୍ଷା ପରିଷଦ ଜାତୀୟ ସେବା ଯୋଜନାର ସଂଯୋଜକ ଦୀପକ କୁମାର ବେହେରା, ଓୟୁଏଟି ପ୍ରଶିକ୍ଷଣ କେନ୍ଦ୍ରର ସଂଯୋଜକ ନିରୋଧ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ୨ଟି ଜିଲାରୁ ୫୨ଜଣ ପୋଗ୍ରାମ ଅଫିସର ଭାଗ ନେଇଥିଲେ। ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲାବେଳେ ଅଧାପକ ଶ୍ୟାମସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ସୁଜାତା ସେନାପତି, ନିରଞ୍ଜନ ବେହେରା ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଯୋଜନାରେ ସହଯୋଗ କରିଥିଲେ।

## ଜୟନ୍ତରା ବାଲିଘାଟରୁ ବେଧଡ଼କ ବାଲି ଉଠାଣ

# ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

ଦଶରଥପୁର,୨୧।୧୨(ଡିଏନ୍ଏ)

ଦଶରଥପୁର ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀ ଶଯ୍ୟାରୁ ଜୟନ୍ତରା ଘାଟ ସରକାରୀଭାବେ ନିଲାମ ହୋଇ ନ ଥିବାବେଳେ ଦୈନିକ ଏହି ଘାଟରୁ ଶହଶହ ଟ୍ରିପ ଚୋରା ବାଲି ଚାଲାଣ ହେଉଛି। ଏ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମବାସୀ ଦଶରଥପୁର ତହସିଲଦାରଙ୍କ ପାଖରେ ବାରମ୍ବାର ଅଭିଯୋଗ କରିବା ପରେ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଏହି ବ୍ଲକର ଜୟନ୍ତରା ମହାପାତ୍ରସାହି ନିକଟରେ ଏପରି ଚୋରା ବାଲିଚାଲାଣ କରାଯାଉଛି। ବାଲି ମାଫିଆମାନେ ଚୋରାରେ ବାଲି ଉଠାଇବା ପାଇଁ ତହସିଲଦାରଙ୍କଠାରୁ ଆରମ୍ଭ କରି ଆରଆଇଙ୍କୁ ମୋଟା ଅଙ୍କରେ ଅର୍ଥ ଦେଉଛନ୍ତି ବୋଲି ସେମାନେ କହିବୁଲଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ସେପଟେ ଏହି ଘାଟରୁ ବାଲି ଉଠିବା ଓ ଗଡ଼ିବା ରାସ୍ତାରେ ଦୁଇଟି ବିଦ୍ୟାଳୟ ରହିଛି। ଜୟନ୍ତରା ଆବାସିକ ବିଦ୍ୟାଳୟ ସହ ସ୍ୱାମୀ ବିବେକାନନ୍ଦ ନୋଡ଼ାଲ ଓ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ବାଲି ଗାଡ଼ି ଦ୍ରୁତଗତିରେ ଯାଉଥିବାବେଳେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ମହାପାତ୍ର ସାହିଦେଇ ଏପରି ବେଆଇନ ଚୋରା ବାଲିଚାଲାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ବିରଞ୍ଚି ନାରାୟଣ ମହାପାତ୍ର, ଧରଣୀଧର ମହାପାତ୍ର, ବିପିନ ବିହାରୀ ମହାପାତ୍ର, ବ୍ରହ୍ମାନନ୍ଦ ମହାପାତ୍ର, ଶେଷଦେବ ମହାପାତ୍ର, ଶରତ ମହାପାତ୍ର, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ବହୁ ଗ୍ରାମବାସୀ ଲିଖିତଭାବେ ଜିଲାପାଳଙ୍କୁ ଏହି ବେଆଇନ ଚୋରା ବାଲିଘାଟ ବନ୍ଦ କରିବାକୁ ଦାବି କରିଛନ୍ତି।


**ନିୟନ୍ତ୍ରିତ ବଜାର କମିଟି, ଯାଜପୁର (ଧାନକ୍ର ୟବିଜ୍ଞାପନ)** ବିଜ୍ଞାପନ ସଂଖ୍ୟା.224, ତାରିଖ-19.12.19

ଯାଜପୁର ଜିଲ୍ଲା ଖରିଫ ଫସଲ ବର୍ଷ ୨୦୧୯-୨୦ଧାନ କ୍ରୟ କେନ୍ଦ୍ର (ପ୍ରାଥମିକ କୃଷି ସମବାୟ ସମିତି) ଏବଂ ତଦ୍ ସହିତ ଅନ୍ତର୍ଭୁକ୍ତ ଗ୍ରାମପଞ୍ଚାୟତ ୱାରି କ୍ରୟ ଦିବସ ନିମ୍ନରେ ପ୍ରଦତ୍ତ କରାଗଲା। ଓଡ଼ିଶା ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ଆନୁକୂଲ୍ୟରେ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯାଜପୁର ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଗତ ତା୨୯।୧୧।୨୦୧୯ରିଖରୁ ୧୨୨ଗୋଟି ସମବାୟ ସମିତି ଲିଃ ଓ WSHGs ମାଧ୍ୟମରେ ଚଳିତ ଖରିଫ ୨୦୧୯-୨୦ ବର୍ଷରେ ଏଫ.ଏକ୍ୟୁ (FAQ)ମାନର ଧାନ ସଂଗ୍ରହ କରିବା ପାଇଁ ସୁବନ୍ଦୋବସ୍ତ କରାଯାଇଅଛି। ଚାଷୀମାନେ ସେମାନଙ୍କର (FAQ)ମାନର ବଳକା ଧାନ ସହ ନିଜର ଭୋଟର ପରିଚୟ ପତ୍ର, କିଶାନ କ୍ରେଡିଟ କାର୍ଡ, ଜମି ପାସ ବୁକ, ଜମିର ପଟ୍ଟା, ବ୍ୟାଙ୍କ ବା ପୋଷ୍ଟାଲ ଆକାଉଣ୍ଟ ନମ୍ବର ନେଇକରି ଆସିବେ ଓ ସରକାରଙ୍କ ଦ୍ୱାରା ଧାନର ଧାର୍ଯ୍ୟମୂଲ୍ୟ ଅନଲାଇନ ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଜମାଖାତାରେ ଜମାହେବ। ଅନଲାଇନ ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଧାନ ସଂଗ୍ରହ କରାଯିବ। ସୁବିଧାରେ ଧାନ ବିକ୍ରିପାଇଁ ସମିତିର ସମ୍ପାଦକଙ୍କ ଦ୍ୱାରା ଟୋକନ ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ଦିନରେ ସକାଳ ୯.୦୦ଘଟିକା ଠାରୁ ଦିନ ଘ.୫.୦୦ଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଧାନକିଣା ସମ୍ବନ୍ଧିୟ ବିବରଣୀ www.foododisha.in ରେ ଉପଲବ୍ଧ ଅଛି। ରବିବାର, ଗୁରୁବାର, ଓ ଛୁଟିଦିନମାନଙ୍କରେ ଧାନ ସଂଗ୍ରହ ବନ୍ଦ ରହିବ ଓ ଅନ୍ୟ ସବୁଦିନ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଟୋକନ ମାଧ୍ୟମରେ ଚାଷୀଙ୍କଠାରୁ (P-PAS) ଜରିଆରେ ଧାନକ୍ରୟ କରାଯିବ। ଚାଷୀଙ୍କୁ ଧାନ କ୍ରୟର ୧୫ଦିନ ପୂର୍ବରୁ ଟୋକନ ପ୍ରଦାନ କରାଯିବା ସହ ID Scanner ମାଧ୍ୟମରେ ପଞ୍ଜୀକୃତ ଚାଷୀ ଚିହ୍ନଟ କରାଯିବ। ପୁନଶ୍ଚ ଯେଉଁ ଅଞ୍ଚଳରେ WSHG ପଞ୍ଜୀକୃତ ହୋଇଥିବା ତା ଅଧିନସ୍ଥ ଚାଷୀ ସେହି WSHGରେ ଧାନ ଦେଇପାରିବେ। ଚାଷୀମାନଙ୍କୁ ଆଗୁଆ ଏସ୍.ଏମ୍.ଏସ୍.(sms) ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯିବ। ଚାଷୀ ନିଜର ପଞ୍ଜୀକରଣ/ବିକ୍ରୟ ସଙ୍କ୍ରାନ୍ତିୟ ତଥ୍ୟ ଜାଣିବାକୁ ଚାହୁଁଥିଲେ, ନିଜର ପଞ୍ଜୀକୃତ ମୋବାଇଲରୁ OD>SPACE<FR>SPACE<PP କୁ 9223166166 ରେSMS କରନ୍ତୁ। ପଞ୍ଜୀକୃତ ଚାଷୀଙ୍କ ଅନୁପସ୍ଥିତରେ ପରିବାରର ମନୋନୀତ ସଦସ୍ୟ ସରକାରଙ୍କ ନିର୍ଦ୍ଧାରିତ ଫର୍ମ(form) ଦାଖଲ କରି ଧାନ ବିକ୍ରୟ କରିପାରିବେ। କେବଳ ଖୋଟ ବସ୍ତାରେ ଧାନ ମଣ୍ଡିକୁ ଧାନ ଆଣିବେ। ପ୍ରତ୍ୟେକ ଚାଷୀ ଦିନକୁ ସର୍ବାଧିକ ୫୦.୦୦ କୁଇଣ୍ଟାଲ ଧାନ ବିକ୍ରୟ ଓ ସମିତି ଦିନକୁ ସର୍ବାଧିକ ୨୦୦୦.୦୦ କୁଇଣ୍ଟାଲ କ୍ରୟ କରିପାରିବେ। ଧାନର ଗୁଣାତ୍ମକ ମାନ (FAQ): ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ମୁକ୍ତ ହୋଇଥିବ।

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ. ମାନର ଧାନ ପାଇଁ |
|---|---|---|
| ୧ | ବାଲି, ମାଟି, ଗୋଡି, ପଥର ବା ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨ | କାଠି, ମାଟି, ଧୂଷ, ଅଗାଡି, ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ବା ପୋକା ଇତ୍ୟାଦି | ୫.୦% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫ | ସରୁ ଧାନରେ ମିଶ୍ରିତ ମୋଟାଧାନ (କେବଳ 'ଏ' ଗ୍ରେଡ୍ ଧାନ ନିମନ୍ତେ) | ୬.୦% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

| ଧାନର ମାନ | କୁଇଣ୍ଟାଲ ପ୍ରତି ଧାନର ନିର୍ଦ୍ଧାରିତ ସରକାରୀ ଦର |
|---|---|
| ଗ୍ରେଡ୍ ଏ କିସମ (ଏଫ.ଏ.କ୍ୟୁ) | ଟ.୧୮୩୫.୦୦ |
| ସାଧାରଣ କିସମ (ଏଫ.ଏ.କ୍ୟୁ) | ଟ.୧୮୧୫.୦୦ |

ଅଭିଯୋଗ ଥିଲେ ନିମ୍ନଲିଖିତ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ : ଉପଜିଲ୍ଲାପାଳ ଯାଜପୁର: **୯୪୩୭୨୫୭୧୦୭,** ଉପନିବନ୍ଧକ ସମବାୟ ସମିତି ସମୂହ: **୯୪୩୭୨୭୦୬୨୩** ଜିଲ୍ଲା ଯୋଗାଣ ଅଧିକାରୀ: **୭୯୭୮୧୬୨୩୧୭** ସହକାରୀ ଯୋଗାଣ ଅଧିକାରୀ: **୯୪୩୮୮୭୮୪୯୫** ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଯାଜପୁର: **୯୫୮୩୭୯୫୧୮୫** ସହକାରୀ ନିବନ୍ଧକ: **୮୨୪୯୯୨୯୫୩୦** ଓ ନିଃଶୁଳ୍କ ହେଲପ୍‌ଲାଇନ୍ ନଂ.**୧୯୬୭** **ସ୍ୱା./-ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./-ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./- ଜିଲ୍ଲାପାଳ, ଯାଜପୁର, ସୌଜନ୍ୟ:ନିୟନ୍ତ୍ରିତ ବଜାର କମିଟି, ଯାଜପୁର**


## ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜବରଦଖଲ

# ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କଲା ପ୍ରଶାସନ




ଜବରଦଖଲ ଉଚ୍ଛେଦ ସ୍ଥଳରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ।

ବିଞ୍ଝାରପୁର,୨୧।୧୨(ଡି.ଏନ.ଏ)
ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ ଜମି ଦୀର୍ଘଦିନ ଧରି ଜବରଦଖଲରେ ରହିଆସୁଥିବାବେଳେ ଶନିବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସିଡିଏମ୍‌ଓ ଅରୁଣ କୁମାର ପାତ୍ର, ଡ୍ରଗ ନିରୀକ୍ଷକ ସରସ୍ୱତୀ ନାୟକ, ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଅର୍ଯ୍ୟଦୀପ୍ତ ଆରଣ୍ୟକ ସାମନ୍ତରାୟ ପ୍ରମୁଖ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜବରଦଖଲ ସ୍ଥାନରେ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫୦ବର୍ଷ ହେବ ସତ୍ୟସାଇ ଔଷଧ ଦୋକାନ ସରକାରଙ୍କ ସହିତ ଚୁକ୍ତିଭିତ୍ତିରେ ଚାଲିଥିବାବେଳେ ଏହାର ଅବଧି ଶେଷ ହୋଇଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ଓ ପାଚେରୀ ନିର୍ମାଣ ପାଇଁ ଏହି ଔଷଧ ଦୋକାନ ଭାଙ୍ଗିବାକୁ ବହୁ ଦିନ ଧରି ଦାବି ହୋଇଆସୁଥିଲା। ଚଳିତ ମାସ ପ୍ରଥମ ସପ୍ତାହରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଜପୁର ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ପରିଦର୍ଶନରେ ଆସିଥିଲାବେଳେ ମେଡିକାଲ ପରିସରରେ ଜବରଦଖଲକୁ ନେଇ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ଜବରଦଖଲ ହଟାଇବା ଲାଗି ବିଞ୍ଝାରପୁର ତହସିଲ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପ୍ରଶାସନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଔଷଧ ଦୋକାନରେ ତାଲା ପକାଇ ସିଲ୍ କରିଥିବା ଜଣାପଡିଛି। ଏହି ଉଚ୍ଛେଦ ସମ୍ପର୍କରେ ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଆର୍ଯ୍ୟଦୀପ୍ତ ଆରଣ୍ୟକ ସାମନ୍ତରାୟଙ୍କୁ ପଚାରିବାରୁ, ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିବା ଜବରଦଖଲକୁ ହଟାଇବା ଲାଗି ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ଜବରଦଖଲ ହଟାଇବାକୁ ପ୍ରଶାସନ ଜବରଦଖଲକାରୀଙ୍କୁ ନୋଟିସ ଜାରୀ କରାଯାଇଥିଲା। ହେଲେ ଜବରଦଖଲ ନ ହଟିବାରୁ ପ୍ରଶାସନ ବାଧ ହୋଇ ଜବରଦଖଲ ଉଚ୍ଛେଦ କରିଲା ବୋଲି ଅତିରିକ୍ତ ତହସିଲଦାର ସାମନ୍ତରାୟ ସୂଚନା ଦେଇଛନ୍ତି।






ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡକୁ ବହୁଦୂର ଆଗେଇ ଯାଇଛି।
- ସେନେକା



## ସଂକ୍ଷେପରେ

### ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ଯାଜପୁର ଟାଉନ,୨୧।୧୨(ଡି.ଏନ୍.ଏ.):** ରାମବାଗସ୍ଥିତ ରିଜିଓନାଲ ଡିଗ୍ରୀ କଲେଜରେ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। କଲେଜର ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱ କ୍ରମେ ପରିଚାଳନା ସମିତିର ସଭାପତି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ କେବଳ ସାମ୍ପ୍ରତିକ ସମୟ ନୁହେଁ ସବୁ ପରିସ୍ଥିତିରେ ବାଳିକା ବା ମହିଳାମାନେ ନିଜର ଆତ୍ମସୁରକ୍ଷା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି କହିବା ସହିତ ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷିତା ଛାତ୍ରୀମାନେ ନିଜ ନିଜ ଅଞ୍ଚଳର ପ୍ରତ୍ୟେକ ଝିଅ ଓ ମହିଳାଙ୍କୁ ଏହି ଶିକ୍ଷା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମଅତିଥି ଭାବେ ଡିଗ୍ରୀ କଲେଜର ସଭାପତି କେଦାର ନାରାୟଣ ପରିଡା, ଜିଲା ପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର, ଜୁନିୟର କଲେଜର ଅଧକ୍ଷ ଅନୀଲ କୁମାର ମହାନ୍ତି, ଅଧାପକ ରଣଜିତ ସିଂ, ଜଗନ୍ନାଥ ପରିଡ଼ା, ସାନ୍ତନୁ ନାୟକ, ବିଶ୍ୱମିତ୍ରା ଦାସ, ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

### ଜିଲା ଅବସରପ୍ରାପ୍ତ କର୍ମଚାରୀଙ୍କ ଗଣଧାରଣା



**ଯାଜପୁର ଟାଉନ,୨୧।୧୨(ଡି.ଏନ୍.ଏ.):** ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଯାଜପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାର ତୁରନ୍ତ ୫ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କରିବା ସହିତ ଚିକିତ୍ସା ଭତ୍ତା, ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗର ପୁନଃ ସ୍ଥାପନ, ୭ମ ବେତନ କମିଶନ ଅନୁରୂପ କେନ୍ଦ୍ର ଦେଉଥିବା ପେନ୍‌ସନ ଭିତ୍ତିରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ ନିର୍ଦ୍ଧାରଣ କରିବା ଦାବିରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ସଂଘର ଜିଲା ସଭାପତି ରବି ଶତପଥିଙ୍କ ଅଧକ୍ଷତା କ୍ରମେ ଧାରଣାସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ଉପସଭାପତି ଦିଗମ୍ବର ସାହୁ, ଭାସ୍କର ଚନ୍ଦ୍ର ମିଶ୍ର, ବିବେକାନନ୍ଦ ନାୟକ, କରୁଣାକର ବରାଳ, ଦୁର୍ଯ୍ୟୋଧନ ପାତ୍ର, ଅଭିରାମ ସାମଲ, ଅଭିମନ୍ୟୁ ରାଉତ, ଅଭିରାମ ନନ୍ଦ, ଯୁଧିଷ୍ଠିର ସ୍ୱାଇଁ, ଅନନ୍ତ ଚରଣ ସେଠୀ, ମଦନ ମୋହନ କର, ଅଶୋକ କୁମାର ଦାସ, କମଳାକାନ୍ତ ସନ୍ଧିବିଗ୍ରହ, କୈଳାଶ ଚନ୍ଦ୍ର ସାମଲ, ଜତିନ୍ଦ୍ର ମିଶ୍ର, ବଂଶୀଧର ଦାସ, ମହେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖି ବୟସାଧିକ ଏହି ପୂର୍ବତନ କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ସଂଗଠନର ମହାସଚିବ ଓ ସଂଗଠନ ସମ୍ପାଦକ ଦେଶରେ ୨୬ଟି ରାଜ୍ୟ ଚିକିତ୍ସା ଭତ୍ତା ପ୍ରଦାନ କରୁଥିବା ବେଳେ ଓଡିଶା ସରକାର ଏପର୍ଯ୍ୟନ୍ତ କାହିଁକି ନୀରବ ରହିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ସଂଘର ବରୀ ବ୍ଲକ ସମ୍ପାଦକ ଅଶୋକ ଦାସ ଧାରଣା ଦେଇଥିଲେ।

## ପ୍ରହସନ ପାଲଟିଛି ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ

# ବାଧକ ସାଜିଛି ଜବରଦଖଲ

**ଯାଜପୁର ଅଫିସ,୨୧।୧୨**



ସବୁଜିମା ସୃଷ୍ଟି ଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ବାସ୍ତବପକ୍ଷେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି ତା'ର ସୁରକ୍ଷା ହୋଇପାରୁ ନାହିଁ। ପ୍ରତିବର୍ଷ ବନୀକରଣ ନାଁରେ କୋଟିକୋଟି ଟଙ୍କାର ଅନୁଦାନ ଆସୁଛି। ହେଲେ ଫଳ କିଛି ମିଳୁ ନାହିଁ। ଗୋଟିଏ ପଟେ ଗଛ ଲଗାଯାଉଛି ତ ଅନ୍ୟପଟେ ଖଣି ଖାଦାନର ସମ୍ପ୍ରସାରଣ ପାଇଁ ଲକ୍ଷାଧିକ ମୂଲ୍ୟବାନ ପୁରୁଣା ବଡ଼ବଡ଼ ଗଛ କଟାଯାଉଛି। ଏଭଳିସ୍ଥିତିରେ ଜଙ୍ଗଲ ସୃଷ୍ଟି ନାଁରେ ଖର୍ଚ୍ଚ କରାଯାଉଥିବା ଟଙ୍କାର ହିସାବ ଦେଖିଲେ ସରକାରୀ ତାଲିକା ଓ ବାସ୍ତବତା ମଧ୍ୟରେ ବେଶ୍ ତଫାତ ପରିଲକ୍ଷିତ ହେଉଛି। ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୦-୨୧ବର୍ଷ ପାଇଁ ୫-ଟି ଅଧିନରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାଜ୍ୟର ୮ହଜାର ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ କରିବାକୁ ଯୋଜନା ହୋଇଛି। ଏଥିରେ ଯାଜପୁର ଜିଲାର ୩୪୦ଶିକ୍ଷାନୁଷ୍ଠାନ ରହିଛି। ତେବେ ଆବଶ୍ୟକ ଭିତ୍ତିଭୂମି ସାଙ୍ଗକୁ ଜଳସେଚନର ଓ ରକ୍ଷଣାବେକ୍ଷଣ ଅଭାବରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏକ ପ୍ରକାର ପ୍ରହସନ ପାଲଟିଛି।

- ୨୦୨୦-୨୧ ପାଇଁ ଜିଲାର ୩୪୦ ସ୍କୁଲରେ ହେବ ବୃକ୍ଷରୋପଣ
- ୫-ଟି ଅଧୀନରେ ହେବ କାର୍ଯ୍ୟକାରୀ
- ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିରୁ ହେବ ଖର୍ଚ୍ଚ

ପ୍ରକାଶ ଯେ, ବନ ଓ ଉଦ୍ୟାନ ବିଭାଗ ପକ୍ଷରୁ ଯେଉଁସବୁ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିବା ଦର୍ଶାଉଛି ସେସବୁ ଅଞ୍ଚଳରେ ଦୀର୍ଘଦିନରୁ ଥିବା ଗଛଗୁଡିକ ଦିନ ଦ୍ୱିପ୍ରହରେ କାଠ ମାଫିଆମାନେ ଲୁଟି ନେଉଛନ୍ତି। ଏପରି କି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗଛ ଶୁଖି ମରି ଯାଉଛି। ଏହିକ୍ରମରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଯୋଜନା ହେଉଛି। କେତେକ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପରିମାଣର ଜମି ରହିଛି। କିନ୍ତୁ ତଦନୁସାରେ ବୃକ୍ଷରୋପଣ ହୋଇ ପାରିନାହିଁ। ଏଠାରେ ବ୍ୟାସନଗର ନରସିଂହ ଚୌଧୁରୀ(ଏନ୍‌ସି)ହାଇସ୍କୁଲକୁ ଉଦାହରଣ ଭାବେ ନିଆଯାଇ ପାରେ। ୧୭.୪୬ ଏକର ଜମିରେ ୧୯୪୫ ରେ ଏନ୍‌ସି ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ତେବେ ଏହାର ଅର୍ଦ୍ଧାଧିକ ଜମି ଏବେ କେତେକ ଅଣଓଡ଼ିଆ ଜବରଦଖଲକାରୀଙ୍କ କବଜାରେ। ଏହାସହ କେତେକ ସ୍ଥାନୀୟ ଲୋକେ ଦୋକାନ ବଜାର କରି କିଛି ଜମିକୁ ମାଡ଼ି ବସିଛନ୍ତି। ଏନେଇ ୨୦୧୩ରେ ତତ୍କାଳୀନ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଯାଜପୁର ଉପଜିଲାପାଳଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲେ। ଯାଜପୁର ଉପଜିଲାପାଳ ଏହା ଉପରେ ପଦକ୍ଷେପ ନେବାକୁ ପ୍ରକ୍ରିୟା ଆରମ୍ଭ ମଧ କରିଥିଲେ। କିନ୍ତୁ ପ୍ରଶାସନସ୍ତରରେ ସେହି ପଦକ୍ଷେପ ଶିଥିଳ ପଡିଯିବାରୁ ଜବରଦଖଲ ବଢ଼ିବାରେ ଲାଗିଛି। ତେବେ ପର୍ଯ୍ୟାପ୍ତ ପରିମାଣର ସ୍କୁଲ ଜମି ଥିବାରୁ ବୃକ୍ଷରୋପଣ ପାଇଁ ମଧ ସୁଯୋଗ ରହିଛି। କିଛି ଜମିରେ ବୃକ୍ଷରୋପଣ ହୋଇଛି ସତ ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କେତେକ ଗଛ ମରି ଯାଉଥିବା ଦେଖିବାକୁ ମିଳିଛି। ଜିଲାରେ ଏଭଳି ଅନେକ ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ ପାଇଁ ସୁଯୋଗ ରହିଥିଲେ ହେଁ ତାହା ସଫଳ ହୋଇପାରୁ ନାହିଁ। ୨୦୧୭-୧୮ବର୍ଷରେ ଉଦ୍ୟାନ ବିଭାଗ ପକ୍ଷରୁ ଜିଲାର ୨୮୯୧ ଟି ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ ହୋଇଥିବା କୁହାଯାଉଛି। ଯେଉଁଠି ପୁରୁଣା ଗଛକୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହେଉଛି, ସେଠାରେ ନୂତନ ଜଙ୍ଗଲ ସୃଷ୍ଟିର ଭାଷଣବାଜି କେବଳ ବିଭାଗୀୟ କାଗଜପତ୍ରରେ ସୀମିତ ରହିଥିବା ସ୍ପଷ୍ଟ ହେଉଛି। ଏସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ସ୍କୁଲସ୍ତରରେ ଇକୋ କ୍ଲବ ଗଠନ ହୋଇଛି। ସେହି କ୍ଲବ ଜରିଆରେ ପ୍ରତ୍ୟେକ ବର୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏନ୍‌ସି ହାଇସ୍କୁଲ ଜମି ଜବରଦଖଲ ସଂକ୍ରାନ୍ତରେ ତାଙ୍କ ପାଖରେ କିଛି ଖବର ନାହିଁ। ତେବେ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ୨୩ତମ ବିଜେଡି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ରସୁଲପୁର,୨୧।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ୨୩ତମ ବିଜେଡି ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବରୀ ବିଜେଡି ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦେବେନ୍ଦ୍ର ଦାସ ଯୋଗଦେଇ ଚଳିତବର୍ଷ ପ୍ରତିଷ୍ଠା ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିବାକୁ ଯୋଜନା ରହିଥିବା କହିଛନ୍ତି। ଏଦିଗରେ ନିର୍ବାଚନମଣ୍ଡଳୀ ଅଧିନସ୍ଥ ସମସ୍ତ ୪୭ଗୋଟି ପଞ୍ଚାୟତର ଜନପ୍ରତିନିଧି, ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବିଶେଷକରି ବରୀ ପାଇଁ ମହିଳା ବିଧାୟିକା ସୁନନ୍ଦା ଦାସ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କର କାର୍ଯ୍ୟଧାରକୁ ଆଗେଇ ନେବାକୁ ମହିଳାମାନଙ୍କ ବିଶେଷ ଭୂମିକା ରହିବ ବୋଲି କହି ସେମାନଙ୍କ ସହଯୋଗ କାମନା କରିଥିଲେ। ଚଳିତଥର ପ୍ରତିଷ୍ଠା ଦିବସ ବରୀ ବ୍ଲକର ସନ୍ଥନ ମଠରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଆଲୋଚନାଚକ୍ର

## 'ଓଡ଼ିଆ ଭାଷା,ସାହିତ୍ୟର ଅଭିବୃଦ୍ଧି ଘଟିଛି'



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ଚଣ୍ଡିଖୋଲ,୨୧।୧୨(ଡ଼ି.ଏନ.ଏ)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଦୁଇଦିନିଆ ପାଠଚକ୍ର ଶନିବାର ଶେଷ ହୋଇଛି। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଆଲୋଚନାଚକ୍ରରେ 'ସାମ୍ପ୍ରତିକ ଓଡ଼ିଆ ଭାଷା ଓ ସାହିତ୍ୟ' ଏବଂ 'ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ଓ ଲୋକ ସଂସ୍କୃତି ଶୀର୍ଷକ' ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧାପକ ଅଭିମନ୍ୟୁ ରାଉତ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ମନୀନ୍ଦ୍ର କୁମାର ମେହର ଆନୁଷ୍ଠାନିକଭାବେ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ଘଟିଛି ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟ ଏକ ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥି ରୁଦ୍ରନାରାୟଣ ମହାପାତ୍ର ଓଡ଼ିଆ ସାହିତ୍ୟ ଓ ଲୋକ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାଧାପକ ବ୍ରଜ କିଶୋର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ଅଧାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ, ଅଧାପକ ଶ୍ରୀକାନ୍ତ ବିଶ୍ୱାଳ, ରାଜେନ୍ଦ୍ର କୁମାର ପାଢୀ, ଯତିନ୍ଦ୍ର କୁମାର ରାଉତ, ଅଧାପିକା ଦୀପ୍ତୀମୟୀ ନାୟକ, ଆଇ.କ୍ୟୁ.ସିର ସଂଯୋଜକ ଅଧାପକ ଦୋଳ ଗୋବିନ୍ଦ ପ୍ରତାପ, ରାମଚନ୍ଦ୍ର ମହାନ୍ତି, ମନୋଜ କୁମାର ଦାସ, ସଲିଲ ରାଜନନ୍ଦନ ମହାନ୍ତି, ଦୀଲିପ କୁମାର ନାୟକ, ଦୀଲିପ କୁମାର ନାୟକ, ସୁଜାତା ସେନାପତି ପ୍ରମୁଖ ପାଠଚକ୍ରରେ ଭାଗ ନେଇଥିଲେ। ଶେଷରେ ଅଧାପକ ବିଜୟ କେତନ ସାମଲ ଧନ୍ୟବାଦ ଦେଇଥିଲେ।

### 'ବାଳିକାଙ୍କୁ ଶାରୀରିକ, ମାନସିକ ସ୍ତରରେ ସଶକ୍ତ ହେବାକୁ ଆହ୍ୱାନ'

**ରସୁଲପୁର,୨୧।୧୨(ଡି.ଏନ୍.ଏ.)**

ସମାଜରେ ନାରୀମାନଙ୍କ ସୁରକ୍ଷା ବିପଦଗାମୀ ହୋଇପଡିଛି। ବିପଦକୁ ମୁକୁଳିବାକୁ ହେଲେ କିଶୋରୀ ବୟସରୁ ସାହାସୀ ହେବାକୁ ପଡ଼ିବ। ଏଥିସହ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ହେଲେ ଶାରୀରିକ ଓ ମାନସିକସ୍ତରରେ ସଶକ୍ତ ହେବାକୁ ପଡ଼ିବ। ଆଉ ଏଥିପାଇଁ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସହାୟକ ହେବ ବୋଲି ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଦର୍ଶନ ପୃଷ୍ଟି ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଳିକା ଆତ୍ମରକ୍ଷା ଶିବିରର ଜିଲା ସଂଯୋଜକ ଅଖିଳ ରଞ୍ଜନ ପାଢୀ, ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ବିପିନ ବିହାରୀ ଦେଓ, ଯୁକ୍ତ ୩ କଲେଜର ଅଧକ୍ଷ ମହେଶ୍ୱର ପାଢୀ, ଯୁବନେତା ପ୍ରଦୀପ କୁମାର ଦାସ, ସ୍ଥାନୀୟ ସରପଞ୍ଚ ବିଜୟ ଦାସ, ସମିତି ସଭ୍ୟ ଅଟଳ ବିହାରୀ ଦାସ, ଶିକ୍ଷାବିତ୍ ଅଲ୍ଲାଉଦ୍ଦିନ ଖାନ୍, ଅଧାପକ ଶଶିଭୂଷଣ ମହାନ୍ତି, ରଶ୍ମିତା ସାମଲ, ବନଲତା ଲେଙ୍କା, ଉଲ୍ଲାସ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଶ୍ରୀନିବାସ ଜେନା, ବିଷ୍ଣୁ ଚରଣ ଓଝା, ଅଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ବାଳିକାଙ୍କ ସଫଳତା କାମନା କରିଥିଲେ। ପ୍ରଶିକ୍ଷଣପ୍ରାପ୍ତ ବାଳିକାମାନେ ନିଜର ସୁରକ୍ଷା କରିବା ସହ ତାଙ୍କ ପାରିପାର୍ଶ୍ୱିକ ସମାଜରେ ଅନ୍ୟାୟର ଶିକାର ହେଉଥିବା ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ।

## ୨୩ରୁ ରାଜ୍ୟସ୍ତରୀୟ ପୁସ୍ତକମେଳା

**ଯାଜପୁର ଅଫିସ, ୨୧।୧୨**





ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଓ ଅନ୍ୟମାନେ।

ଏକାଦଶତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ଆସନ୍ତା ୨୩ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନନ୍ୟା ସାହିତ୍ୟ ସଂସଦ, ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ବାଳାଶ୍ରମ ପଡ଼ିଆରେ ଅୟୋଜିତ ହେବାକୁ ଥିବା ପୁସ୍ତକମେଳା ପ୍ରତିଦିନ ଦିବା ୨ ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ କବି ସମ୍ମିଳନୀ, କବିତା ପାଠୋତ୍ସବ, ବ୍ୟଙ୍ଗ କବି ସମ୍ମିଳନୀ, ଯାଜପୁର ଜିଲା ଲେଖିକା ସମ୍ମିଳନୀ ଅନୁଷ୍ଠିତ ହେବ। ବୌଦ୍ଧିକତାର ବିକାଶ ନିମନ୍ତେ ମୁକ୍ତ କୁଇଜ୍ ମାଧ୍ୟମରେ ଏକହଜାର ଛାତ୍ରୀଛାତ୍ରଙ୍କୁ ତତ୍କାଳ ପୁରସ୍କାର ପ୍ରଦାନ କରାଯିବ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ନିମନ୍ତେ ତର୍କ, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ବରିଷ୍ଠ ପ୍ରଶାସକ, ସୁସାହିତ୍ୟିକ, କବି ଓ ଲେଖକଙ୍କ ଅଭିଭାଷଣ ଏବଂ ପୁସ୍ତକ ଲୋକାର୍ପଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ପୁସ୍ତକମେଳାରେ ୯୨ଟି ଷ୍ଟଲ ଖୋଲାଯିବାର ସ୍ଥିର କରାଯାଇଛି। ପୁସ୍ତକମେଳାରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ସାରସ୍ୱତ ସାଧକ ଓ ଯାଜପୁରର ଜନସାଧାରଣ ଯୋଗ ଦେବାପାଇଁ ଏକ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସଭାପତି ସନ୍ତୋଷ କୁମାର ନନ୍ଦ, ସମ୍ପାଦକ କାହ୍ନୁଚରଣ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରେସକ୍ଲବ ସଭାପତି ରାଜୀବ ମହାନ୍ତି, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ହୃଷିକେଶ ପତି, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, କୋଷାଧକ୍ଷ ସୁବାସ ମହାପାତ୍ର, ଦୂର୍ଯ୍ୟୋଧନ ବେହେରା, ମିଡ଼ିଆ ସଂଯୋଜକ ଆଦିତ୍ୟ ମହାନ୍ତି, ନବକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୫ ତାରିଖ , ୨୬ ତାରିଖ ଓ ୨୯ ତାରିଖ ଦିନ ୫ମ ଶ୍ରେଣୀ ରୁ ୮ମ ଶ୍ରେଣୀ ପିଲାଙ୍କୁ କନିଷ୍ଠ ଓ ୯ମ ରୁ ୨ ପିଲାମାନଙ୍କୁ ବରିଷ୍ଠ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇ ଆଧୁନିକ ନୃତ୍ୟ, ଓଡ଼ିଶୀ ଆଧୁନିକ ସଂଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ କରାଯାଇଛି।

## ଚିତାଲୋ କଲେଜରେ ବାଳିକା ଆତ୍ମସୁରକ୍ଷା ଶିବିର

**ଯାଜପୁର ଟାଉନ,୨୧।୧୨(ଡି.ଏନ୍.ଏ.):** ବିରଜାକ୍ଷେତ୍ରସ୍ଥିତ ଚିତାଲୋ ଡିଗ୍ରୀ କଲେଜରେ ୧୨ଦିନ ଧରିଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧକ୍ଷ ଅଦୈତ ପ୍ରସାଦ ମଲ୍ଲିକଙ୍କ ସଭାପତିତ୍ୱ କ୍ରମେ କଲେଜ ପ୍ରତିଷ୍ଠାତା ବଦ୍ରୀ ନାରାୟଣ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଜୀବନରେ ଶୃଙ୍ଖଳିତ ଓ ସଶକ୍ତ ହେବା ସହ ଆତ୍ମରକ୍ଷାର କୌଶଳ ଶିଖିବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ପ୍ରଦୀପ ମଲ୍ଲିକ ନାରୀର ସଂଜ୍ଞା ସ୍ୱରୂପ ଓ ଯୁଗୋପଯୋଗୀ ସାମାଜିକ ପ୍ରସ୍ତୁତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜୁନିୟର କଲେଜ ଅଧକ୍ଷ ଅଜୟ କୁମାର ସ୍ୱାଇଁ, ଅଧାପକ ଜୟନ୍ତ କୁମାର ସାହୁ, ଗିରିଧାରୀ ସାହୁ, ପତିତପାବନ ଦାସ, ଲକ୍ଷ୍ମୀନାରାୟଣ ବେହେରା, ଅଧାପିକା ଶୁଭଶ୍ରୀ ବାରିକ, କ୍ରୀଡା ଶିକ୍ଷକ ଲୋକନାଥ ମହାପାତ୍ର ପ୍ରମୁଖ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରି ପ୍ରତିକୂଳ ପରିସ୍ଥିତିରେ ଅନ୍ୟକୁ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ।

## 'ସମ୍ବର୍ଦ୍ଧନା ଅଧିକ ସଫଳତା ପାଇଁ ପ୍ରେରଣା ଦିଏ'

**ଯାଜପୁର ଟାଉନ,୨୧।୧୨(ଡି.ଏନ୍.ଏ.)**





ଜିଲା ସ୍କୁଲର ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

ଯାଜପୁର ଟାଉନସ୍ଥିତ ଜିଲାସ୍କୁଲର ୧୩୭ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ବନ୍ଧଙ୍କ ଅଧକ୍ଷତା କ୍ରମେ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ସୁତାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ପୁରସ୍କାର ବା ସମ୍ବର୍ଦ୍ଧନା ସମ୍ପୃକ୍ତ ଛାତ୍ରୀଛାତ୍ର ବା ବ୍ୟକ୍ତିବିଶେଷଙ୍କୁ ଅଧିକ ସଫଳତା ହାସଲ କରିବା ପାଇଁ ଉତ୍ସାହିତ କରିବା ସହିତ ଅନ୍ୟମାନଙ୍କୁ ଏହା ପ୍ରେରଣା ଦେଇଥାଏ। ମୁଖ୍ୟବକ୍ତା ଭାବେ ଅଖଣ୍ଡଜ୍ୟୋତିର ସହସମ୍ପାଦକ ପାଣ୍ଡବ ଜେନା ଯୋଗଦେଇ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ ସହିତ ଶରୀରକୁ ପରିପୁଷ୍ଟ କରିବା ପାଇଁ କେବଳ ଖେଳକୁଦ ନୁହେଁ ଏଥିସହିତ ନିଜକୁ ଆଧାତ୍ମିକତାରେ ଯୋଡିବା ଉଚିତ ବୋଲି କହିଥିଲେ। ତେବେ ଏଥିପାଇଁ ଅଭିଭାବକ ଏବଂ ଶିକ୍ଷକମାନେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାନ୍ତି ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ ଫୁଲ ଯେହେତୁ ତାର ସୁଗନ୍ଧ ବିତରଣରେ କେବେ ଅବହେଳା କରେ ନାହିଁ, ଠିକ୍ ସେହିଭଳି ଫୁଲ ଭଳି କୋମଳ ହୃଦୟର ଅଧିକାରୀ ହୋଇ ନିଜର ଜ୍ଞାନ ଓ ପ୍ରତିଭା ବଳରେ ସୁଗନ୍ଧ ବିତରଣ କରି ସମସ୍ତଙ୍କୁ ଆପଣାର କରିପାରିଲେ ଜୀବନ ସାର୍ଥକ ହେବ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଜହିରୁଦ୍ଦିନ ଖାଁ, ଦିଲ୍ଲୀପ କୁମାର ଦାଶ, ସେକ ମୋତିଉର ରହେମାନ ପ୍ରମୁଖ ପରିଚାଳନା କରିଥିଲେ।

## ୧୫ତମ ଜିଲା ଶିଶୁ ସୁରକ୍ଷା କମିଟି ବୈଠକ

**ଯାଜପୁର ଟାଉନ,୨୧।୧୨(ଡି.ଏନ୍.ଏ.)**

ଯାଜପୁର ଜିଲାରେ ଶିଶୁ ଶ୍ରମିକ ବ୍ୟବସ୍ଥାର ଉଚ୍ଛେଦ କରିବା ସହିତ ସେମାନଙ୍କୁ ଥଇଥାନ କରାଯାଉ। ଆଉ ଯେଉଁ ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ଛୋଟ ପିଲାଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶନିବାର ଅନୁଷ୍ଠିତ ୧୫ ତମ ଜିଲା ଶିଶୁ ସୁରକ୍ଷା କମିଟି ବୈଠକରେ ମତପ୍ରକାଶ ପାଇଛି। ଯାଜପୁର ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଶୁ ଶ୍ରମିକ ଉଚ୍ଛେଦ ପ୍ରକ୍ରିୟାରେ ଜିଲ୍ଲା ଶ୍ରମ ବିଭାଗର ଅସହଯୋଗ ମନୋଭାବକୁ ସମାଲୋଚନା କରାଯାଇଥିଲା। ଶିଶୁଶ୍ରମିକଙ୍କୁ ଉଦ୍ଧାର ପରେ ସମ୍ପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଶ୍ରମ ବିଭାଗ ମାମଲା ରୁଜୁ କରିବା ସହିତ ସେମାନଙ୍କଠାରୁ ଜରିମାନା ଆଦାୟ କରି ଉଦ୍ଧାର ଶିଶୁଙ୍କ ବ୍ୟାଙ୍କ ପାସ୍ ବୁକରେ ଜମା କରିବା କଥା। କିନ୍ତୁ ଏଦିଗରେ ଶ୍ରମ ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ପ୍ରକାଶ କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବୈଠକର ନିଷ୍ପତ୍ତି ଅନୁଯାୟୀ ବ୍ଲକ ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ କ୍ରୀୟାଶୀଳ କରିବା ଏବଂ ଆଗାମୀ ଜାନୁୟାରୀ ମାସରେ ପ୍ରତିବ୍ଲକରେ ଏଥିପାଇଁ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଶିଶୁ ବା ବାଲ୍ୟ ବିବାହକୁ ରୋକିବା ପାଇଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଏବଂ ଅଙ୍ଗନୱାଡି କର୍ମୀଙ୍କୁ ନେଇ ସଚେତନତା ଶିବିର ମାନ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ବ୍ଲକ ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ବିଜ୍ଞାପନ ପ୍ରଦର୍ଶିତ କରାଯିବା ପାଇଁ ମଧ ସ୍ଥିର ହୋଇଛି। ଅନ୍ୟପକ୍ଷରେ ବିଜୁ ଶିଶୁ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ ଓ ଆର୍ଥିକ ସହାୟତା ପ୍ରଦାନ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁକିନ୍ଦା ଅଞ୍ଚଳରେ ସରକାରୀସ୍ତରରେ ଏକଶିଶୁ ପରିଚର୍ଯ୍ୟା କେନ୍ଦ୍ର ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଥିବାବେଳେ ଏନେଇ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଏଥିସହିତ ଚାଇଲ୍ଡ ହେଲ୍ପ ଲାଇନ ନମ୍ବର ୧୦୯୮ ପ୍ରତ୍ୟେକ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଲେଖାଯିବା ପାଇଁ ସ୍ଥିର କରାଯାଇଥିଲା। ଏଥିପ୍ରତି ଆଞ୍ଚଳିକ ପରିବହନ ଅଧିକାରୀ ପଣ୍ଡା ଗୁରୁତ୍ୱଦେବାକୁ ସଭାପତି ମହାନ୍ତି ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦୀ ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାୟକ, ସିଡବ୍ଲ୍ୟୁସିର ଅଧକ୍ଷା ଗୀତାରାଣୀ ବେହେରା, ବରିଷ୍ଠ ସଭ୍ୟ ରୁଦ୍ରନାରାୟଣ ପୃଷ୍ଟି, ସୁବାଷ ଚନ୍ଦ୍ର ଦେବତା, ହୃଷୀକେଶ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଆଞ୍ଚଳିକ ପରିବହନ ଅଧିକାରୀ ଏସ୍.ଏନ୍. ପଣ୍ଡା, ଜିଲା ଶିକ୍ଷା ବିଭାଗର ଅଧିକାରୀ ସମ୍ଭୁନାଥ ଦାସ, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବିକ୍ଷଣ ଅଧିକାରୀ ତପନ କୁମାର ପଣ୍ଡା, ସାମାଜିକ କର୍ମୀ ମିହିର କୁମାର ଜେନା, କାଳୀ ପ୍ରସାଦ ସାହୁ, ଏନ୍‌ଆଇସି ଅର୍ଚ୍ଚନା କୁମାରୀ ସାମନ୍ତ, ଶିଶିର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦୁଇ ବାଇକ ଦୁର୍ଘଟଣା: ୨ ଗୁରୁତର

**ଖଣ୍ଡପଡ଼ା,୨୧।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା-ବାହାଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବନାଳ ସେତୁ ଉପରେ ଶନିବାର ଅପରାହ୍ନରେ ୨ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଯୁବକ ଦ୍ୱୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଖଣ୍ଡପଡ଼ା ସହର ୯ନଂ ୱାର୍ଡର ଚିନ୍ମୟ ହୋତା (୨୪) ଓ ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ ଗ୍ରାମର ମୁନା ପ୍ରଧାନ (୨୬) । ଖବର ପାଇ ଖଣ୍ଡପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ୨ଟିକୁ ଜବତ କରିଛି। ଦ୍ରୁତ ଗତିରେ ବାଇକ ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି ।

### ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସାମ୍ବାଦିକ ଦଳ ଜିତିଲା

**ଭାପୁର,୨୧।୧୨(ଡି.ଏନ୍.ଏ.):** ଭାପୁର ବ୍ଲକ ଫତେଗଡ଼ ନାଲିସାଗର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ବିଶ୍ରାମ ଦିବସରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସାମ୍ବାଦିକ ଦଳ ବିଜୟୀ ହୋଇଛି। ବ୍ଲକର ଲୋକପ୍ରତିନିଧି ଓ ସାମ୍ବାଦିକ ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ସାମ୍ବାଦିକ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ ହରାଇ ୧୩୯ ରନ କରିଥିଲା। ଜବାବରେ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ନେତୃତ୍ୱରେ ଲୋକପ୍ରତିନିଧି ଦଳ ବ୍ୟାଟିଂ କରିଥିଲା। ଏହି ଦଳ ୧୬ ଓଭରରେ ୪ ଉଇକେଟ ହରାଇ ୧୨୭ ରନ କରି ମ୍ୟାଚ ହାରିଯାଇଥିଲା। ବିଜୟୀ ଦଳର ଓପନର ପ୍ରଭାତ କୁମାର ରାଉତ ବ୍ୟାଟିଂରେ ୪୫ ରନ ଓ ବୋଲିଂରେ ୨ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ପବିତ୍ର କୁମାର ସାହୁ ଓ ଗଙ୍ଗାଧର ସାହୁ। ରବିବାର ଫାଇନାଲ ଖେଳ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ କ୍ଲବ ଓ କାଇପଦରର ସତ୍ୟପୀର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।

### ସମୁଦ୍ରରେ ଭାସିଯାଇ ଛାତ୍ର ନିଖୋଜ, ଜଣେ ଉଦ୍ଧାର

**ପୁରୀ ଅଫିସ,୨୧।୧୨:** ପୁରୀ ଜିଲା ଅସ୍ତରଙ୍ଗର ପୀର ଜାହାନିଆ ସମୁଦ୍ରରେ ଶନିବାର ଜଣେ ଇଞ୍ଜିନିୟରିଂ ଛାତ୍ର ଭାସିଯାଇ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ହେଲେ କଟକର ପି. ଧର୍ମା। ସେହିପରି ଉଦ୍ଧାର ଛାତ୍ର ହେଲେ ଅଙ୍କିତ କୁମାର ସାହୁ। ଖବର ପାଇ କୋଣାର୍କ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଧର୍ମାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଏକାଧିକ ଛାତ୍ର ବସ ଯୋଗେ ପିକ୍‌ନିକ୍ ଲାଗି ପୀର ଜାହାନିଆକୁ ପର୍ଯ୍ୟଟନସ୍ଥଳକୁ ଆସିଥିଲେ। ଅପରାହ୍ନରେ ସମସ୍ତେ ଜାହାନିଆ ନିକଟ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ସମୁଦ୍ରରେ ସ୍ନାନ ବେଳେ ଧର୍ମା ଓ ଅଙ୍କିତ ବୁଡ଼ିଯାଇଥିଲେ। ଦୁହିଁଙ୍କ ଚିତ୍କାର ଶୁଣି ସେଠାରେ ଥିବା କେତେଜଣ ମତ୍ସ୍ୟଜୀବୀ ସମୁଦ୍ରରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ସେମାନେ ଅଙ୍କିତକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ମାତ୍ର ଧର୍ମାଙ୍କୁ ଠାବ କରିପାରି ନ ଥିଲେ। ଏ ସମ୍ପର୍କରେ ଖବର ପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପଚରାଉଚୁରା କରିବା ସହ ନିଖୋଜ ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଛି।

### ୯ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

**ଭଞ୍ଜନଗର,୨୧।୧୨(ଡି.ଏନ୍.ଏ.):** ତାରସିଂ ଥାନା ଡ଼ଙ୍ଗାଭୁଇଁର ଦିଲି ନାୟକଙ୍କୁ ଏକ ହତ୍ୟା ମାମଲାରେ ୯ ବର୍ଷ ପରେ ୱାରେଣ୍ଟ ବଳରେ ଶନିବାର ପୋଲିସ ଗିରଫ କରିଛି। ୨୦୧୦ରେ ଦିଲି ଗ୍ରାମର ଏକ ହତ୍ୟା ମାମଲାରେ ଜଡ଼ିତ ଥାଇ ଫେରାର ଥିଲେ। ତେଣୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଦିଲି ଗ୍ରାମରେ ଥିବା କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲାବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ସେହିଭଳି ୨୦୦୭ରେ ଅନ୍ୟଏକ ମାମଲାରେ ଅତରାଇପଲ୍ଲୀର ରାମ ନାଇକଙ୍କୁ ମଧ୍ୟ ଶନିବାର ୱାରେଣ୍ଟବଳରେ ଗିରଫ କରାଯାଇଛି।

## ■ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ତାଲା ପକାଇ ଧାରଣା ଦେଲେ ଲୋକେ


ଡାକ୍ତରଖାନା ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି ମହିଳା।



ପୋଡ଼ା ଯାଇଥିବା ମେଡିସିନ।

**ନୟାଗଡ଼ ଅଫିସ,୨୧।୧୨**

ନୟାଗଡ଼ ଜିଲା ସଦର ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଶନିବାର ଉଗ୍ରରୂପ ଧାରଣ କରିଥିଲା। ସେମାନେ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକରେ ତାଲା ପକାଇ ପୂର୍ବାହ୍ନ ୧୦ଟାରୁ ଧାରଣାରେ ବସିଥିଲେ।

ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ସ୍ୱାସ୍ଥ୍ୟସେବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୧୦ ପଞ୍ଚାୟତର ଲୋକ ନିର୍ଭର କରନ୍ତି। ମେଡ଼ିକାଲ ପାଇଁ ୫ ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ୨ଜଣଙ୍କୁ ବାଦ୍‌ଦେଲେ ଅନ୍ୟମାନଙ୍କର ଦେଖା ମିଳେ ନାହିଁ। ଯେଉଁ ଦୁଇଜଣ ଡାକ୍ତର ଆସନ୍ତି ସେମାନେ ଠିକ୍

**ତଦନ୍ତ ଭୟରେ ପୋଡ଼ିଦେଲେ ନିରାମୟ ମେଡିସିନ**

ଭାବେ ରହନ୍ତି ନାହିଁ। ଫଳରେ ରୋଗୀଟିଏ ବିଭିନ୍ନ ସମୟରେ ହଇରାଣ ହୁଏ। ଏପରି କି ସାମାନ୍ୟ ଆହତ ରୋଗୀଟିଏ ମେଡ଼ିକାଲକୁ ଗଲେ ଡାକ୍ତର ସେମାନଙ୍କୁ ନ ଦେଖି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦିଅନ୍ତି। ସେହିଭଳି କେତେଜଣ ଡାକ୍ତର ପ୍ରତିଦିନ ଡାକ୍ତରଖାନା ନ ଯାଇ ମଧ୍ୟ ଉପସ୍ଥାନ ଖାତାରେ ଦସ୍ତଖତ କରନ୍ତି। ଏହିଭଳି ବିଭିନ୍ନ ଅବ୍ୟବସ୍ଥା ଦେଇ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗତି କରୁଛି। ଏହାର ସମାଧାନ ପାଇଁ ଅଞ୍ଚଳବାସୀ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନି। ଫଳରେ ଶନିବାର ବଡପଣ୍ଡୁସର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ମହିଳାପୁରୁଷ ମେଡିକାଲ ଆଗରେ ଧାରଣା ଦେଇଥିଲେ। ଏ ନେଇ ସେମାନେ ଶୁକ୍ରବାର ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା ପ୍ରକାଶ କରିଛନ୍ତି। ଅପରାହ୍ନ ୨ଟାରେ ଏଡିଏମଓ ସୁରେଶ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ୭ ଦିନ ଭିତରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ଉଠିଥିଲେ। ଏହି ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଧାରଣାକାରୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନ ଚାଲୁଥିବାବେଳେ କାଳେ କୌଣସି ଅଧିକାରୀ ଆସି ଯାଞ୍ଚ କରିବେ ସେହି ଭୟରେ ମେଡିକାଲ ପରିସରରେ ଗଦା ଗଦା ନିରାମୟ ମେଡ଼ିସିନ ପୋଡ଼ି ଦିଆଯାଇଥିଲା। ଏପରି କି ଏକ୍ସପାଏରି ହୋଇ ନ ଥିବା ମେଡିସିନ ପୋଡିଦିଆ ଯାଇଥିବାରୁ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସରକାର ରୋଗୀମାନଙ୍କୁ ମାଗଣାରେ ନିରାମୟ ଔଷଧ ପ୍ରଦାନ କରୁଥିବା ବେଳେ ଲକ୍ଷାଧିକ ଟଙ୍କାର ଔଷଧ କାହିଁକି ପୋଡ଼ାଗଲା ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଧିକାରୀ ଡା. ଆଶୁତୋଷ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ ଡାକ୍ତର ଠିକ୍ ସମୟରେ ମେଡ଼ିକାଲକୁ ଆସନ୍ତି। ସେହିଭଳି ମେଡ଼ିସିନ୍ ପୋଡ଼ା ହୋଇଥିବା ବିଷୟରେ ସେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ।

## ■ ଗଣ୍ଡଗୋଳରେ ଦୁଇଭାଇ ଆହତ

# ଅଭିଯୋଗ ପରେ ଉଭୟେ ଜେଲ ଗଲେ

**ଓଡ଼ଗାଁ,୨୧।୧୨(ସ୍ୱ.ପ୍ର.)**

ଓଡ଼ଗାଁ ଥାନା କୋରପିଠା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଭାଇ ଗଣ୍ଡଗୋଳ ଲାଗି ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ଉଭୟ ବିଚାର ବିଭାଗୀୟ ଜେଲ ହାଜତକୁ ଯାଇଛନ୍ତି। ସେମାନେ ହେଲେ ସୁକାନ୍ତ କୁମାର ଦାଶ (୩୮) ଓ ସନ୍ତୋଷ କୁମାର ଦାଶ (୪୭)। ଗାଁରେ ଡ୍ରେନ ନିର୍ମାଣ ନିମନ୍ତେ ପଞ୍ଚାୟତ ଦ୍ୱାରା ଜେସିବି ମେଶିନ ଲାଗିଛି। ଆବର୍ଜନାରେ ପୋତିହୋଇଥିବା ଗୋଟିଏ ସ୍ଥାନ ସଫା କରିବାକୁ ସୁକାନ୍ତ ଜେସିବି ଡ୍ରାଇଭରଙ୍କୁ ଅନୁରୋଧ କରିଥିଲେ। ସନ୍ଧ୍ୟାରେ ଡ୍ରାଇଭର ଉକ୍ତ ସ୍ଥାନରୁ ଆବର୍ଜନା ହଟାଇ ଦେଇଥିଲେ। ଏହି ଆର୍ବଜନା ଗ୍ରାମର ପ୍ରଦୀପ ରାୟ ଗଦାଇଥିବା ବାଲି ପଥର ନିକଟରେ ଜମା ହୋଇଥିଲା। ସକାଳେ ଏହାକୁ ଉଠାଇବା ନିମନ୍ତେ ସେମାନେ ଯୋଜନା କରୁଥିବା ବେଳେ ପ୍ରଦୀପ ଏହାକୁ ବିରୋଧ କରି ସୁକାନ୍ତଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ସୁକାନ୍ତଙ୍କ ସହିତ ପୂର୍ବ ବିବାଦରେ ଛନ୍ଦିହୋଇଥିବା ବଡଭାଇ ସନ୍ତୋଷ ସେଠାରେ ପହଞ୍ଚି ହଠାତ୍ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସୁକାନ୍ତ ମଧ୍ୟ ଅନୁରୂପ ଢଙ୍ଗରେ ଠେଙ୍ଗା ସାହାଯ୍ୟରେ ସନ୍ତୋଷଙ୍କ ମୁଣ୍ଡକୁ ପିଟିଦେଇଥିଲେ। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଉଭୟେ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୁକାନ୍ତଙ୍କ ଅଭିଯୋଗ ଅନୁସାରେ ପୋଲିସ ସନ୍ତୋଷ ଓ ପ୍ରଦୀପଙ୍କ ନାମରେ ୨୩୦/୧୯ରେ ମାମଲା ରୁଜୁ କରିଛି। ସନ୍ତୋଷଙ୍କ ଅଭିଯୋଗକ୍ରମେ ସୁକାନ୍ତଙ୍କ ବିରୋଧରେ ୨୩୧/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ଦୁଇ ଭାଇଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ଯିବାକୁ ପଡିଛି ବୋଲି ଆଇଆଇସି ମମତା ପତି ସୂଚନା ଦେଇଛନ୍ତି।

## ଛାମୁଣ୍ଡିଆରେ ଖୋଲିଲା ଧାନମଣ୍ଡି


ଛାମୁଣ୍ଡିଆରେ ଧାନମଣ୍ଡି ଖୋଲାଯାଇଛି ।

**ଗଣିଆ,୨୧।୧୨(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ସେବା ସମବାୟ ସମିତି ତରଫରୁ ଶନିବାର ସମିତି କାର୍ଯ୍ୟାଳୟ ପରିସରରେ ଚଳିତବର୍ଷର ଧାନମଣ୍ଡି ଖୋଲାଯାଇଛି। ପୂଜାର୍ଚ୍ଚନା ପରେ ଛାମୁଣ୍ଡିଆ ଅଞ୍ଚଳର ୧୨ଜଣ ଟୋକନ୍‌ଧାରୀ ଚାଷୀଙ୍କ ଠାରୁ ୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ମଣ୍ଡିରେ ଧାନକ୍ରୟ ସମୟରେ ଦଶପଲ୍ଲା ସ୍ଥିତ ପାତ୍ର ଫୁଡ୍ସ ମିଲ୍‌ର କର୍ମଚାରୀମାନେ ଧାନର ମାନ ପରୀକ୍ଷା କରିବା ସହ ସରକାର ଧାର୍ଯ୍ୟ କରିଥିବା ଉଚିତ ମୂଲ୍ୟରେ ଧାନକ୍ରୟ କରିଥିଲେ । ଏହି ଅବସରରେ ଛାମୁଣ୍ଡିଆ ସେବା ସମବାୟ ସମିତିର ସମ୍ପାଦକ କାମେଶ୍ୱର ସାହୁ, ନୟାଗଡ଼ ଜିଲା ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଛାମୁଣ୍ଡିଆ ସେବା ସମବାୟ ସମିତି ଅଧୀନରେ ଚଳିତ ବର୍ଷ ୧୮୫ଜଣ ଚାଷୀ ଅନଲାଇନରେ ଧାନ ବିକ୍ରୟ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଆସନ୍ତା ସୋମବାର ଆଡ଼କଟା ପଞ୍ଚାୟତର ଗୋପୀ ବଲ୍ଲଭପୁର ସେବା ସମବାୟ ସମିତି, ମଙ୍ଗଳବାର ଗଣିଆ ଓ ଓସ୍ତିଆ ସେବା ସମବାୟ ସମିତି, ବୁଧବାର ବେଲପଡ଼ା ପାଟଣା ସେବା ସମବାୟ ସମିତିରେ ଚଳିତ ବର୍ଷର ଧାନମଣ୍ଡି ଖୋଲାଯିବ।

# ସିଏଏକୁ ସମର୍ଥନ କରି ଶୋଭାଯାତ୍ରା

**ନୟାଗଡ଼ ଅଫିସ,୨୧।୧୨**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ସମର୍ଥନ କରି ଶନିବାର ନୟାଗଡ଼ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ସିଏଏକୁ ଭୁଲ୍ ପ୍ରଚାର ପ୍ରସାର କରାଯାଇ ଗୋଟିଏ ସମ୍ପ୍ରଦାୟର ଲୋକଙ୍କୁ ଭୁତାଇ ଦେଶରେ ଯେଉଁଭଳି ଭାବେ ହିଂସାକାଣ୍ଡ ଘଟାଯାଉଛି ତାହାକୁ ସନ୍ତୋଷ ନିନ୍ଦା କରିଥିଲେ। ସେହିଭଳି ପୋଲିସ ଉପରେ ପଥର ମାଡ଼ ଓ ଜାତୀୟ ସମ୍ପତ୍ତି ନଷ୍ଟ କରୁଥିବା ଲୋକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଚନ୍ଦ୍ର ବିଜୟୀ ମିଶ୍ର ଏହି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରାମ ମହାପାତ୍ର, ଦେବାଶିଷ ପାତ୍ର, ଦେବାଶିଷ ମହାପାତ୍ର, ପ୍ରଫୁଲ୍ଲ ଖୁଣ୍ଟିଆ, ସୁକାନ୍ତ ମହାପାତ୍ର, ରାମଚନ୍ଦ୍ର ଭଞ୍ଜ, ଜୟକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସହର ପରିକ୍ରମା କରୁଥିବା ଶୋଭାଯାତ୍ରା।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଖଣ୍ଡପଡ଼ା,୨୧।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ରାଉତ (୬୮)ଙ୍କର ଶନିବାର ଅପରାହ୍ନ ୫ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାଉତଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ମର୍ଦ୍ଦରାଜପୁର ଗ୍ରାମସ୍ଥିତ ନିଜ ବାସଭବନରେ ଥିବା ସମୟରେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ପରିବାରବର୍ଗ ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବେଣାଗାଡିଆ, ମର୍ଦ୍ଦରାଜପୁର, ଖଳିସାହି ପଞ୍ଚାୟତର ସରପଞ୍ଚମାନେ ପୂର୍ବତନ ସରପଞ୍ଚ ରାଉତଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର,୨୧।୧୨(ଡି.ଏନ.ଏ.)**–ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର–ଗୋଳବାଇ ଷ୍ଟଶନ ମଧ୍ୟବର୍ତ୍ତୀ ଅଞ୍ଚଳ ଷଠିପଦର ଗ୍ରାମ ନିକଟ ଡାଉନ୍ ଲାଇନ ଖମ୍ବ ନଂ ୪୭୯୧/୧୬–୧୮ରେଳ ଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ନିରାକାରପୁର ରେଳବାଇ ପୋଲିସ ଉଦ୍ଧାର କରିଛି । ସେ ହେଲେ ପୁରୀ ଜିଲା ଗଡିଶାଗଦା ଥାନା ଅନ୍ତର୍ଗତ ବକୁ ପଞ୍ଚାୟତ ଶିରିପୁର ଗ୍ରାମର ବୁଲୁ ପ୍ରଧାନ (୩୩)। ରେଳବାଇ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଖୋର୍ଦ୍ଧା ସରକାରୀ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି । ଏନେଇ ଫାଣ୍ଡି ପକ୍ଷରୁ ନଂ ୧୦୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବୈଦିକ ଗଣିତ କର୍ମଶାଳା

**ଗଣିଆ,୨୧।୧୨(ଡି.ଏନ.ଏ.)**

ଗଣିଆସ୍ଥିତ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଶନିବାର ବୈଦିକ ଗଣିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, କଟକର ଉପଦେଷ୍ଟା ତଥା ଗଣିତ ପୁସ୍ତକର ସମୀକ୍ଷକ ଗଣିତ ବିଶାରଦ ଡ. ନଳିନୀକାନ୍ତ ମିଶ୍ର ଯୋଗଦେଇଥିଲେ। ବ୍ଲକର ସମସ୍ତ ଗଣିତ ଶିକ୍ଷକ ଏବଂ ୮ମ ଶ୍ରେଣୀର ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କୁ ବୈଦିକ ଗଣିତ ସମ୍ପର୍କରେ ବୁଝାଇଥିଲେ। ସେହିପରି ରାମାନୁଜନ ଗଣିତ ଦିବସ ଥିବାରୁ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର ଜ୍ୟାମିତି ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ଶାଖା ପରିଚାଳକ ତଥା ବିଦ୍ୟାପୀଠର ପୂର୍ବତନ ଛାତ୍ର ମନୋରଞ୍ଜନ ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୫ଜଣ ଗଣିତ ଶିକ୍ଷକ ଓ ୨୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଆୟୋଜିତ କର୍ମଶାଳାରେ ଯୋଗଦେଇଥିବା ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ର।

## କୁଇ ଉନ୍ନୟନ ସଂଘର ସାଧାରଣ ସଭା

**ଦଶପଲ୍ଲା,୨୧।୧୨(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଚଢ଼େୟାପଲ୍ଲୀ ପଞ୍ଚାୟତର ବାଲିବେରେଣା ହାଟତୋଟାଠାରେ ଶନିବାର କୁଇ ଉନ୍ନୟନ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାସ୍ତାଘାଟ ସହ ଚଢ଼େୟାପଲ୍ଲୀଠାରେ ୟୁନିୟନ ବ୍ୟାଙ୍କ ନିୟମିତ ଖୋଲିବା ଏବଂ ଆଦିବାସୀ ଅଞ୍ଚଳରେ ଟେଲିଫୋନ ଟାୱାର ସ୍ଥାପନ କରିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା। କୁଇ ଉନ୍ନୟନ ସଂଘର ନେତା ଶ୍ରୀନିବାସ ଜାନିଙ୍କ ସମେତ ବହୁ ଆଦିବାସୀ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଚଢ଼େୟାପଲ୍ଲୀ, ନୂଆଗାଁ, କଳସାଖମଣ, ଦୁଡ଼ା ପ୍ରଭୃତି ଅଞ୍ଚଳର ଶତାଧିକ ଆଦିବାସୀ ମହିଳାପୁରୁଷ ଯୋଗଦାନ କରିଥିଲେ।


ବୈଠକରେ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**ନିୟନ୍ତ୍ରିତ ବଜାର କମିଟି, ଯାଜପୁର (ଧାନକ୍ର ୟବିଜ୍ଞାପନ)** ବିଜ୍ଞାପନ ସଂଖ୍ୟା.224, ତାରିଖ-19.12.19

ଯାଜପୁର ଜିଲ୍ଲା ଖରିଫ ଫସଲ ବର୍ଷ ୨୦୧୯–୨୦ଧାନ କ୍ରୟ କେନ୍ଦ୍ର (ପ୍ରାଥମିକ କୃଷି ସମବାୟ ସମିତି) ଏବଂ ତଦ୍ ସହିତ ଅନ୍ତର୍ଭୁକ୍ତ ଗ୍ରାମପଞ୍ଚାୟତ ୱାରି କ୍ରୟ ଦିବସ ନିମ୍ନରେ ପ୍ରଦତ୍ତ କରାଗଲା। ଓଡ଼ିଶା ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ଆନୁକୁଲ୍ୟରେ ଯାଜପୁର ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯାଜପୁର ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଗତ ତା୨୯।୧୧।୨୦୧୯ରିଖରୁ ୧୨୨ଗୋଟି ସମବାୟ ସମିତି ଲିଃ ଓ WSHGs ମାଧ୍ୟମରେ ଚଳିତ ଖରିଫ ୨୦୧୯–୨୦ ବର୍ଷରେ ଏଫ.ଏକ୍ୟୁ (FAQ)ମାନର ଧାନ ସଂଗ୍ରହ କରିବା ପାଇଁ ସୁବନ୍ଦୋବସ୍ତ କରାଯାଇଅଛି। ଚାଷୀମାନେ ସେମାନଙ୍କର (FAQ)ମାନର ବଳକା ଧାନ ସହ ନିଜର ଭୋଟର ପରିଚୟ ପତ୍ର, କିଶାନ କ୍ରେଡିଟ କାର୍ଡ, ଜମି ପାସ ବୁକ, ଜମିର ପଟ୍ଟା, ବ୍ୟାଙ୍କ ବା ପୋଷ୍ଟାଲ ଆକାଉଣ୍ଟ ନମ୍ବର ନେଇକରି ଆସିବେ ଓ ସରକାରଙ୍କ ଦ୍ୱାରା ଧାନର ଧାର୍ଯ୍ୟମୂଲ୍ୟ ଅନଲାଇନ ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଜମାଖାତାରେ ଜମାହେବ। ଅନଲାଇନ ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଧାନ ସଂଗ୍ରହ କରାଯିବ। ସୁବିଧାରେ ଧାନ ବିକ୍ରିପାଇଁ ସମିତିର ସମ୍ପାଦକଙ୍କ ଦ୍ୱାରା ଟୋକନ ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ଦିନରେ ସକାଳ ୯.୦୦ଘଟିକା ଠାରୁ ଦିନ ଘ.୫.୦୦ଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଧାନକିଣା ସମ୍ବନ୍ଧିୟ ବିବରଣୀ www.foododisha.in ରେ ଉପଲବ୍ଧ ଅଛି। ରବିବାର, ଗୁରୁବାର, ଓ ଛୁଟିଦିନମାନଙ୍କରେ ଧାନ ସଂଗ୍ରହ ବନ୍ଦ ରହିବ ଓ ଅନ୍ୟ ସବୁଦିନ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଟୋକନ ମାଧ୍ୟମରେ ଚାଷୀଙ୍କଠାରୁ (P–PAS) ଜରିଆରେ ଧାନକ୍ରୟ କରାଯିବ। ଚାଷୀଙ୍କୁ ଧାନ କ୍ରୟର ୧୫ଦିନ ପୂର୍ବରୁ ଟୋକନ ପ୍ରଦାନ କରାଯିବା ସହ ID Scanner ମାଧ୍ୟମରେ ପଞ୍ଜୀକୃତ ଚାଷୀ ଚିହ୍ନଟ କରାଯିବ। ପୁନଶ୍ଚ ଯେଉଁ ଅଞ୍ଚଳରେ WSHG ପଞ୍ଜୀକୃତ ହୋଇଥିବା ତା ଅଧିନସ୍ଥ ଚାଷୀ ସେହି WSHGରେ ଧାନ ଦେଇପାରିବେ। ଚାଷୀମାନଙ୍କୁ ଆଗୁଆ ଏସ୍.ଏମ୍.ଏସ୍.(sms) ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯିବ। ଚାଷୀ ନିଜର ପଞ୍ଜୀକରଣ/ବିକ୍ରୟ ସମ୍ବନ୍ଧିୟ ତଥ୍ୟ ଜାଣିବାକୁ ଚାହୁଁଥିଲେ, ନିଜର ପଞ୍ଜୀକୃତ ମୋବାଇଲରୁ OD>SPACE<FR>SPACE<PP କୁ 9223166166 ରେSMS କରନ୍ତୁ। ପଞ୍ଜୀକୃତ ଚାଷୀଙ୍କ ଅନୁପସ୍ଥିତରେ ପରିବାରର ମନୋନୀତ ସଦସ୍ୟ ସରକାରଙ୍କ ନିର୍ଦ୍ଧାରୀତ ଫର୍ମ(form) ଦାଖଲ କରି ଧାନ ବିକ୍ରୟ କରିପାରିବେ। କେବଳ ଝୋଟ ବସ୍ତାରେ ଧାନ ମଣ୍ଡିକୁ ଧାନ ଆଣିବେ। ପ୍ରତ୍ୟେକ ଚାଷୀ ଦିନକୁ ସର୍ବାଧିକ ୫୦.୦୦ କୁଇଣ୍ଟାଲ ଧାନ ବିକ୍ରୟ ଓ ସମିତି ଦିନକୁ ସର୍ବାଧିକ ୨୦୦୦.୦୦ କୁଇଣ୍ଟାଲ କ୍ରୟ କରିପାରିବେ। ଧାନର ଗୁଣାତ୍ମକ ମାନ (FAQ): ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମ ଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ମୁକ୍ତ ହୋଇଥିବ।

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ. ମାନର ଧାନ ପାଇଁ |
|---|---|---|
| ୧ | ବାଲି, ମାଟି, ଗୋଡି, ପଥର ବା ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨ | କାଠି, ମାଟି, ଧୂଷ, ଅଗାଡି, ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ବା ପୋକା ଇତ୍ୟାଦି | ୫.୦% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫ | ସରୁ ଧାନରେ ମିଶ୍ରିତ ମୋଟାଧାନ (କେବଳ ‘ଏ’ ଗ୍ରେଡ୍ ଧାନ ନିମନ୍ତେ) | ୬.୦% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

| ଧାନର ମାନ | କୁଇଣ୍ଟାଲ ପ୍ରତି ଧାନର ନିର୍ଦ୍ଧାରିତ ସରକାରୀ ଦର |
|---|---|
| ଗ୍ରେଡ୍ ଏ କିସମ (ଏଫ.ଏ.କ୍ୟୁ) | ଟ.୧୮୩୫.୦୦ |
| ସାଧାରଣ କିସମ (ଏଫ.ଏ.କ୍ୟୁ) | ଟ.୧୮୧୫.୦୦ |

ଅଭିଯୋଗ ଥିଲେ ନିମ୍ନଲିଖିତ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ : ଉପଜିଲ୍ଲାପାଳ ଯାଜପୁର: **୯୪୩୭୨୫୭୧୦୭,** ଉପନିବନ୍ଧକ ସମବାୟ ସମିତି ସମୂହ: **୯୪୩୭୨୭୦୬୨୩** ଜିଲ୍ଲା ଯୋଗାଣ ଅଧିକାରୀ: **୭୯୭୮୧୬୨୩୧୭** ସହକାରୀ ଯୋଗାଣ ଅଧିକାରୀ: **୯୪୩୮୮୭୮୪୯୫** ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଯାଜପୁର: **୯୫୮୩୭୯୫୧୮୫** ସହକାରୀ ନିବନ୍ଧକ: **୮୨୪୯୯୨୯୫୩୦** ଓ ନିଃଶୁଳ୍କ ହେଲପ୍‌ଲାଇନ୍ ନଂ.**୧୯୬୭ ସ୍ୱା./-ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./-ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଯାଜପୁର, ସ୍ୱା./- ଜିଲ୍ଲାପାଳ, ଯାଜପୁର, ସୌଜନ୍ୟ:ନିୟନ୍ତ୍ରିତ ବଜାର କମିଟି, ଯାଜପୁର**

## ■ ମର୍ଦ୍ଦରାଜପୁର ନୂଆସାହି ରାସ୍ତା ବିବାଦ

# ଶାନ୍ତି କମିଟି ଆଲୋଚନା ବିଫଳ

**ଖଣ୍ଡପଡ଼ା,୨୧।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ନୂଆସାହି ରାସ୍ତା ବିବାଦକୁ ନେଇ ଶୁକ୍ରବାର ଅପରାହ୍ନରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ବୈଠକରେ ସମସ୍ୟା ସମାଧାନ ହୋଇ ପାରି ନ ଥିବା ଜଣାପଡିଛି ।

ଉକ୍ତ ରାସ୍ତାକୁ ନେଇ ଦେଖାଦେଇଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ନୟାଗଡ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଖଣ୍ଡପଡା ତହସିଲଦାର ପାର୍ଥସାରଥି ହାସଁଦାଙ୍କ ସମେତ ବେଣାଗାଡିଆ ପଞ୍ଚାୟତ ଅଧୀନ ବରକୋଳି ଓ ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମର ଭଦ୍ରବ୍ୟକ୍ତି, ୨ ପଞ୍ଚାୟତର ସରପଞ୍ଚ ବୈଠକରେ ଉପସ୍ଥିତ ରହିଥିଲେ। ରାସ୍ତାକୁ ନେଇ ଦେଖା ଦେଇଥିବା ବିବାଦ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମର୍ଦ୍ଦରାଜପୁର ନୂଆସାହି ବସ୍ତିକୁ ନୂତନ ରାସ୍ତା ନିର୍ମାଣ ନେଇ ପ୍ରଶାସନିକ ଅଧିକାରୀମାନେ ମତ ଦେଇଥିବା ବେଳେ ଏହାକୁ ବରକୋଳି ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ବରକୋଳି ଗ୍ରାମର ସୀମା ସରହଦ ଦେଇ ରାସ୍ତାଟି ଯାଉଥିବାରୁ ସ୍ଥାନୀୟ ବାସିନ୍ଦା ରାସ୍ତା ନିର୍ମାଣକୁ ବିରୋଧ କରି ଶାନ୍ତି କମିଟି ଆଲୋଚନାରେ ଅସହଯୋଗ କରିଥିଲେ। ଫଳରେ ବୈଠକ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ଜଣାଯାଇଛି । ପ୍ରକାଶ ଥାଉକି, ପ୍ରଶାସନ ପକ୍ଷରୁ ଇତି ମଧ୍ୟରେ ୨ଥର ଶାନ୍ତି କମିଟି ବୈଠକ ବସିଥିଲେ ହେଁ ଗ୍ରାମବାସୀଙ୍କ ଅସହଯୋଗ ଯୋଗୁ ବୈଠକରେ କୌଣସି ନିଷ୍ପତ୍ତି ହୋଇ ପାରୁ ନ ଥିବାରୁ ଉକ୍ତ ମର୍ଦ୍ଦରାଜପୁର ନୂଆସାହି ବସ୍ତିକୁ ରାସ୍ତା ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି ।



